ବର୍ଷ-୨୫, ସଂଖ୍ୟା-୩୨୨
ଭୁବନେଶ୍ୱର
୦୪, ଡିସେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 322
Bhubaneswar
04, December, 2025 Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଫେବୃଆରୀ ୧୮ରୁ ଯୁକ୍ତ ପରୀକ୍ଷା

## ୪ ଲକ୍ଷ ଛାତ୍ରଛାତ୍ରୀ ଦେବେ ପରୀକ୍ଷା, ହବ୍ ଜଗିବ ଏଆଇ କ୍ୟାମେରା

ଭୁବନେଶ୍ୱର,୩।୧୨(ମହାଭାରତ): ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଯୁକ୍ତ ଦୁଇ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇଛି । ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୧ ତାରିଖ ଯାଏଁ ଯୁକ୍ତ ଦୁଇ ପରୀକ୍ଷା ଚାଲିବ । ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସୂଚନା ପ୍ରଦାନ କରିଛନ୍ତି ।



ଯୁକ୍ତ ଦୁଇ ପରୀକ୍ଷା ପାଇଁ ସର୍ବମୋଟ ୪ ଲକ୍ଷ ୭ ଶହ ୩୭ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି କଳାରେ ୨ ଲକ୍ଷ ୫୬ ହଜାର ୪୩ ଜଣ, ବାଣିଜ୍ୟରେ ୨୪ ହଜାର ୫୩୩ ଜଣ, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮ ଜଣ ଏବଂ ଧନ୍ଦାମୂଳକରେ ୫ ହଜାର ୯୨୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ସେହିପରି ଜାନୁୟାରୀ ୨ ତାରିଖରୁ ୧୫ ତାରିଖ ଯାଏ ପ୍ରାକ୍ଟିକାଲ ପରୀକ୍ଷା ହେବ । ଏଥିପାଇଁ ଫର୍ମ ପୂରଣ ଶେଷ ହୋଇଥିବାବେଳେ ଡିସେମ୍ବର ୧୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀମାନେ ପରୀକ୍ଷା ପ୍ରବେଶିକା ପତ୍ର ବା ଆଡମିଟ୍ କାର୍ଡ ପ୍ରଦାନ କରାଯିବ ।

ଡିସେମ୍ବର ୨୨ ତାରିଖରୁ ୩୧ ତାରିଖ ଯାଏ ଇଣ୍ଟରନାଲ୍ ପରୀକ୍ଷା ହେବ ଯେଉଁମାନେ ଏହି ସମୟରେ ପରୀକ୍ଷା ଦେଇ ପାରିବେ ନାହିଁ । ସେମାନେ ଜାନୁୟାରୀ ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ଇଣ୍ଟରନାଲ୍ ପରୀକ୍ଷା ଦେଇ ପାରିବେ ।ସେହିପରି ସାରା ରାଜ୍ୟରେ ମୋଟ ୧୩୫୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ମୋଟ ୨୧୦ଟି ହବ୍ ରହିଛି ପରୀକ୍ଷା ହବଗୁଡ଼ିକରେ ଏଆଇ କ୍ୟାମେରା ନଜର ରଖିବ । ସେପଟେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁପରିଭେଲନା ଏବଂ ସ୍ୱଚ୍ଛତା ପାଇଁ ସିସିଟିଭି କ୍ୟାମେରା, ଲାଇଭ୍ ଷ୍ଟ୍ରିମିଂ ଓ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯିବ ପ୍ରାକ୍ଟିକାଲ ପରୀକ୍ଷାକୁ ସୁପରିଭେଲନା କରିବାକୁ ଲାଇଭ୍ ଷ୍ଟ୍ରିମିଂ ଏବଂ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

## ମାଧୁରୀଙ୍କ ପାଇଁ ୧.୬୦ କୋଟି ଖର୍ଚ୍ଚ

ଭୁବନେଶ୍ୱର,୩।୧୨(ମହାଭାରତ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡାର ଭାବେ ବଲିଉଡ୍ ଅଭିନେତ୍ରୀ ଶ୍ରୀମତୀ ମାଧୁରୀ ଦିକ୍ଷୀତ ନେଇଛନ୍ତି ୧ କୋଟି ୬୦ ଲକ୍ଷ ଟଙ୍କା । ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଲିଖିତ ଭାବେ ଉତ୍ତର ଦେଇ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ଓଡିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ଭାବେ ବଲିଉଡ ଅଭିନେତ୍ରୀ ଶ୍ରୀମତୀ ମାଧୁରୀ ଦିକ୍ଷୀତ ନେନେଙ୍କୁ ୨୦୨୫ ରେ ନିଯୁକ୍ତି କରାଯାଇଅଛି । ଏହି ନିଯୁକ୍ତି ପାଇଁ ଶ୍ରୀମତୀ ନେନେଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି । ଏହାସହିତ ଯିବା ଆସିବାର ବିମାନ ଟିକେ, ରହିବା ଓ ଖାଇବା ବ୍ୟବସ୍ଥା ମଧ୍ୟ କରିଥିଲେ ରାଜ୍ୟ ସରକାର । ବିଧାନସଭାରେ ଏପରି ଉତ୍ତର ରଖିଛନ୍ତି ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ।

# ଟଳିଲେ ୧୨ ନକ୍ସଲ, ୩ ଯବାନ ସହିଦ

ନୂଆଦିଲ୍ଲୀ,୩।୧୨ :ଛତିଶଗଡ଼ ବିଜାପୁରରେ ଏକ ବଡ଼ ଧରଣର ମାଓବାଦୀ ବିରୋଧୀ ଅପରେସନ୍ ଆରମ୍ଭ ହୋଇଛି । ବୁଧବାର ଲାଲବାହିନୀ ସହିତ ସୁରକ୍ଷାବାହିନୀ ଘମାଘୋଟ ଗୁଳି ବିନିମୟ ହୋଇଛି । ଏଥିରେ ୧୨ ଜଣ ମାଓବାଦୀ ନିପାତ ହୋଇଥିବା ୩ ଜଣ ଯବାନ ସହିଦ ହୋଇଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି ।

ସହିଦ ଯବାନଙ୍କ ମଧ୍ୟରେ ଦୁଇ ଜଣ ଡିଆରଜିର ରହିଥିବାବେଳେ ଆଉ ଜଣେ ଛତିଶଗଡ଼ ପୋଲିସର ଅଟନ୍ତି । ସହିଦ ଯବାନମାନେ ହେଲେ ଡିଆରଜିର ମୋନୁ ଭଡ଼ାଡି ଓ କନଷ୍ଟେବଲ ଡୁକାରୁ ଗୋଣ୍ଡେ ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳି ପାରି ନାହିଁ । ସେହିପରି ଆଉ ଜଣେ ଡିଆରଜି ଯବାନ ସୋମଦେବ ଯାଦବ ଗୁରୁତର ଆହତ ହୋଇଛନ୍ତି । ବିଜାପୁର-ଦନ୍ତେୱାଡ଼ା ଜିଲ୍ଲା ଜଙ୍ଗଲରେ ଏହି ଗୁଳି ବିନିମୟ ହୋଇଥିବା ବସ୍ତର ପୋଲିସ ରେଞ୍ଜ ଆଇଜି ସୁନ୍ଦରରାଜ ପଟ୍ଟିଲିଙ୍ଗମ୍ ସୂଚନା ଦେଇଛନ୍ତି ।

ଆଜି ଦନ୍ତେୱାଡ଼ା ଏବଂ ବିଜାପୁରର ଡିଷ୍ଟ୍ରିକ୍ଟ ରିଜର୍ଭ



ବାଟାଲିୟନ୍, ସ୍ପେଶାଲ୍ ଟାସ୍କ ଫୋର୍ସ, ରାଜ୍ୟ ପୋଲିସର ଦୁଇଟି ୟୁନିଟ୍ ଓ କୋବ୍ରା ବାହିନୀଙ୍କୁ ନେଇ ମିଳିତ ଅପରେସନ୍ କରାଯାଇଥିଲା । ଏହି ସମୟରେ ମାଓବାଦୀ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ବହୁ ସଂଖ୍ୟକ ମାଓବାଦୀ ନିପାତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୨ ଜଣ ମୃତ ଦେହ ଜବତ ହୋଇଛି । ଏହା ସହିତ ଏସଏଲଆର୍ ରାଇଫଲ, ଥ୍ରୀ ନଟ୍ ଥ୍ରୀ ରାଇଫଲ୍ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ସେହିପରି ଗୁରୁତର ଯବାନଙ୍କୁ ତୁରନ୍ତ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ତେବେ ଚଳିତ ବର୍ଷ ଏଯାବତ ଛତିଶଗଡ଼ରେ ୨୭୦ ମାଓବାଦୀ ଏନକାଉଣ୍ଟରରେ ପ୍ରାଣ ହରାଇଛନ୍ତି ।

# ଆଜି ଆସୁଛନ୍ତି ପୁଟିନ

ନୂଆଦିଲ୍ଲୀ,୩।୧୨(ମହାଭାରତ): ଆସନ୍ତାକାଲି ଦୁଇ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ । ଗୁରୁବାର ସନ୍ଧ୍ୟାରେ ପୁଟିନ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବେ । ପୁଟିନଙ୍କ ଗସ୍ତ ପାଇଁ ଦିଲ୍ଲୀରେ ପାଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ରୁଷ ରାଷ୍ଟ୍ରପତି ସୁରକ୍ଷା ସେବାର ଅତ୍ୟନ୍ତ ଉଚ୍ଚ ତାଲିମପ୍ରାପ୍ତ ଅଧିକାରୀ, ଭାରତର ଜାତୀୟ ସୁରକ୍ଷା ଗାର୍ଡର ବରିଷ୍ଠ କମାଣ୍ଡୋ, ସ୍ନିପର୍ସ, ଡ୍ରୋନ, ଜାମର୍ସ ଓ ଏଆଇ ମନିଟରିଂ ଭଳି ୫ ସ୍ତରୀୟ ସୁରକ୍ଷା ବଳୟ । ଭାରତ ଗସ୍ତରେ ଆସୁଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ଏପରି ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପୁଟିନ ଭାରତର ବିଭିନ୍ନ ସ୍ଥାନକୁ ଯିବେ । ଭାରତ-ରୁଷ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ନୂଆଦିଲ୍ଲୀ ଆସୁଛନ୍ତି ପୁଟିନ । ଆସନ୍ତାକାଲି ସନ୍ଧ୍ୟା ବେଳକୁ ସେ ଭାରତରେ ପହଞ୍ଚିବେ । ସେ ଭାରତରେ ପାଦ ରଖିବା ମାତ୍ରେ ତାଙ୍କୁ ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ । ଏଥିପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତ ଶେଷ ହୋଇଛି । ସୂତ୍ର ଅନୁସାରେ, ରୁଷ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାତ୍ର ଭୋଜନ କରିବେ । ଦିନକ ପରେ ଅର୍ଥାତ ଶୁକ୍ରବାର ରାଷ୍ଟ୍ରପତି ଭବନରେ ତାଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶୁକ୍ରବାର ସେ ରାଜଘାଟରେ ଥିବା ମହାତ୍ମା ଗାନ୍ଧି ସ୍ମାରକୀ ପରିଦର୍ଶନ କରିବେ । ହାଇଦ୍ରାବାଦ ହାଉସରେ ଆୟୋଜିତ ସମ୍ମିଳନୀରେ ଯୋଗଦେବେ ଓ ଭାରତ ମଣ୍ଡପମର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ । ପୁଟିନଙ୍କ ପାଇଁ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୋଟିଏ ଭୋଜିର ଆୟୋଜନ କରୁଛନ୍ତି । ଏଥିରେ ମଧ୍ୟ ଯୋଗ ଦେବେ ପୁଟିନ ।

# ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ଲକ୍ଷ୍ୟ

ଭୁବନେଶ୍ୱର,୩।୧୨(ମହାଭାରତ): ଚଳିତ ବର୍ଷ ଖରିଫ ଋତୁ ଧାନ ବିକ୍ରୟ ପାଇଁ ପ୍ରାୟ ୧୯ ଲକ୍ଷ ୬୮ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି । ଏ ନେଇ ବିଧାୟକ ପଦ୍ମ ଲୋଚନ ପଣ୍ଡାଙ୍କୁ ପ୍ରଶ୍ନରେ ଉତ୍ତର ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ।



ମନ୍ତ୍ରୀଙ୍କ ସୂଚନା ମୁତାବକ, ଚଳିତ ବର୍ଷ ୨୦୨୫-୨୬ ବର୍ଷ ପାଇଁ ଖରିଫ ଋତୁରେ ରାଜ୍ୟରେ ୧୯ ଲକ୍ଷ ୬୭ ହଜାର ୮୧୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି । ୨୭୧୨ ଗୋଟି ସମବାୟ ସମିତି, ୪୧୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୬ଟି ପାଣି ପଞ୍ଚାୟତ ଜରିଆରେ ପଞ୍ଜିକରଣ ହୋଇଛି ।ସେହିପରି ୨୦୨୪-୨୫ ବର୍ଷରେ ଖରିଫ ଓ ରବି ଋତୁରେ ରାଜ୍ୟରେ ସମୁଦାୟ ୨୦ ଲକ୍ଷ ୮୮ ହଜାର ୯୪୩ ଜଣ ଚାଷୀ, ୨୦୨୩-୨୪ରେ ୨୦ ଲକ୍ଷ ୪୯ ହଜାର ୧୯୦ ଏବଂ ୨୦୨୨-୨୩ରେ ୧୯ ଲକ୍ଷ ୮୮ ହଜାର ୫୮୫ ଜଣ ଚାଷି ପଞ୍ଜିକରଣ କରିଥିଲେ । ଚଳିତ ବର୍ଷ ବରଗଡ଼ ଓ ସମ୍ବଲପୁରରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଧାନ ସଂଗ୍ରହ ପ୍ରକ୍ରିୟା ବିଭିନ୍ନ ଜିଲ୍ଲା ଅନୁଯାୟୀ ଜାନୁୟାରୀ ୧୬ ତାରିଖ ଯାଏ ଚାଲିବ ।

ସେପଟେ ବିଜେଡ଼ି ବିଧାୟକ ବ୍ୟୋମକେଶ ରାଉତଙ୍କ ଆଉ ଏକ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉତ୍ତର ରଖିଛନ୍ତି ଯେ ଖରିଫ ଋତୁ ପାଇଁ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।୨୦୨୪-୨୫ ବର୍ଷରେ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଖରିଫ ଧାନ ସଂଗ୍ରହ ହୋଇଥିବାବେଳେ ୧୯ ଲକ୍ଷ ୧୮ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଛି । ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ପ୍ରଥମ ପର୍ଯ୍ୟାୟ ପଞ୍ଜିକରଣ ଜୁଲାଇ ୧୯ ଯାଏ ହୋଇଥିଲା । ଏହା ପରେ ବାଦ୍ ଯୋଗ୍ୟ ଚାଷୀଙ୍କ ପାଇଁ ପୁଣି ଅଗଷ୍ଟ ୨୫ କୁ ପଞ୍ଜିକରଣ ଘୁଞ୍ଚାଇ ଦିଆଯାଇଥିଲା ।

ସେହିପରି ଆଉ ଏକ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ ଉତ୍ତର ରଖିଛନ୍ତି ଯେ ଧାନ ସଂଗ୍ରହ ପାଇଁ ଏଯାବ୍ ୫ଟି ଜିଲ୍ଲାକୁ ୨ ଲକ୍ଷ ୯୪ ହଜାର ୫୯୪ଟି ଟୋକେନ ଦିଆଯାଇଛି । ବରଗଡ଼ରେ ୭୩, ୬୯୬, ବଲାଙ୍ଗିରରେ ୫୩୦୯୦, କଳାହାଣ୍ଡିରେ ୮୮୬୬୬, ନୂଆପଡ଼ାରେ ୨୯୭୮୬ ଏବଂ ସମ୍ବଲପୁରରେ ୪୯୩୩୩ ଜଣଙ୍କୁ ଟୋକେନ୍ ଦିଆଯାଇଛି ଶୀଘ୍ର ଅନ୍ୟ ଅଞ୍ଚଳରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ' ଆଗକୁ ଶହେଟି ମଡେଲ ମଣ୍ଡି ଖୋଲିବାକୁ ସରକାର ଯୋଜନା କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ସାଧାରଣ ଖାଉଟିଙ୍କୁ ମାପ ଓଜନରେ ଠକୁଛନ୍ତି ଦୋକାନୀ

ଭୁବନେଶ୍ୱର,୩।୧୨(ମହାଭାରତ): ମାପ ଓଜନରେ ସାଧାରଣ ଖାଉଟିଙ୍କୁ ଠକୁଛନ୍ତି ଦୋକାନୀ । ଯାହାଦ୍ୱାରା ଗ୍ରାହକ ହତାଶ ଦୁଇ ବର୍ଷରେ ସାମ୍ନାକୁ ଆସିଲାଣି ୧୫୩ ମାମଲା ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସୂଚନା ।

ଆଜି ବିଧାନସଭା ଗୃହରେ ବିଧାୟକ ଅରବିନ୍ଦ ମହାପାତ୍ର ପ୍ରଶ୍ନ କରିଥିଲେ କି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି ମାପ ଓ ଓଜନ ବିଭାଗ ତରଫରୁ ବିଗତ ୨ ବର୍ଷରେ ରାଜ୍ୟରେ କେତେ ଅସାଧୁ ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଉପରେ ଚଢାଉ ହୋଇଥିଲା; ସର୍ବମୋଟ କେତେ ଫାଇନ ଆଦାୟ ହୋଇଥିଲା ଓ କେତେ ବ୍ୟବସାୟୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାର ଜିଲାୱାରୀ ତାଲିକା ଦେବେ କି ?

ଉତ୍ତରରେ ଖାଉଟି ମନ୍ତ୍ରୀ ତଥ୍ୟ ରଖି କହିଛନ୍ତି ଯେ, ମାପ ଓ ଓଜନ ବିଭାଗ ତରଫରୁ ବିଗତ ୨ ବର୍ଷରେ ୩୧୨୩୨୬ ଚଢ଼ାଉ ହୋଇଥିବା ବେଳେ ୧୦୭୫୬ ମକୋଦ୍ଦମା ରୁଜୁ ହୋଇଛି ସେଥିରୁ କେବଳ ମାପ ଓ ଓଜନରେ ୧୫୩ଟି ମାମଲା ସାମ୍ନାକୁ ଆସିଥିବା ବେଳେ ବାକି ୧୦ ହଜାର ୬୦୩ ଅନ୍ୟ କାରଣ ପାଇଁ ମକୋଦ୍ଦମା ହୋଇଛି ସରକାର ମୋଟ ୩କୋଟି ୧୧ଲକ୍ଷ ୭୫୦ ଟଙ୍କା ଫାଇନ ଆଦାୟ କରିଛନ୍ତି ତା ଭିତରୁ ମାପ ଓ ଓଜନ ଠକେଇ ବାବଦ ଫାଇନ ୨୩ ଲକ୍ଷ ୫୧ହଜାର ଟଙ୍କା ରହିଛି ।

# ଶୀତଳଭଣ୍ଡାର ନେଇ ଗୃହ ଗରମ

## ଶୀତଳଭଣ୍ଡାର ଥିଲେ ଆଳୁ ଝଡ଼ ହେଇନଥାନ୍ତା : ମନ୍ତ୍ରୀ

ଭୁବନେଶ୍ୱର,୪।୧୨(ମହାଭାରତ): ବିଧାନସଭାରେ ଉଠିଲା ଶୀତଳ ଭଣ୍ଡାର କଥା ରାଜ୍ୟରେ ଶୀତଳଭଣ୍ଡାର ନେଇ ଗୃହରେ ଦେଖିବାକୁ ମିଳିଛି ସରଗରମ ଆଲୋଚନା । ମନ୍ତ୍ରୀଙ୍କ କହିବା ଅନୁସାରେ ବର୍ତ୍ତମାନ ରାଜ୍ୟରେ ୩୫ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଅଛି । ଯାହା ଭିତରୁ ୩୩ଟି ବେସରକାରୀ ଓ ୨ ଟି ସରକାରୀ ଶୀତଳ ଭଣ୍ଡାର । ତେବେ ଏହାର କ୍ଷମତା ରହିଛି ୧ ଲକ୍ଷ ୭୨ ହଜାର ୧୮୦ ମେଟ୍ରିକ ଟନ୍ ।



ତେବେ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବିଗତ ୧୦ ବର୍ଷରେ ରାଜ୍ୟରେ ୨୬ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି । ଯାହା ଭିତରୁ ୨୨ଟି କାର୍ଯ୍ୟକ୍ଷମ ଅଛି ଆଉ ୪ଟି କାର୍ଯ୍ୟକ୍ଷମ ନାହିଁ । ରାଜ୍ୟରେ ମୋଟ ୧୩୩ଟି ଶୀତଳ ଭଣ୍ଡାର ରହିଥିବା ବେଳେ ସେଥିରୁ ୯୮ଟି କାର୍ଯ୍ୟକ୍ଷମ ନାହିଁ । ତା ଭିତରୁ ୨୦ଟି ସରକାରୀ ଓ ୮୮ ଟି ବେସରକାରୀ ଶୀତଳଭଣ୍ଡାର ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ନୂଆ । ଶୀତଳ ଭଣ୍ଡାର ପାଇଁ ସରକାର ଆର୍ଥିକ ବ୍ୟବସ୍ଥା କରିଛନ୍ତି । ଯଦି ସବୁ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇଥାନ୍ତା ଆଳୁ ଝଡ଼ ଦେଖିବାକୁ ମିଳିନଥାନ୍ତା । ସବ୍ ଡିଭିଜନ୍ ସ୍ତରରେ ୫୮ ଟି ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟ ରଖାଯାଇଛି ।ଏଥିପାଇଁ ୨୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଆଗକୁ ବ୍ଲକ ସ୍ତରରେ ନିର୍ମାଣ ପାଇଁ ଯୋଜନା ରହିଛି । ୧୫ ଟି ନୂଆ । ଶୀତଳ ଭଣ୍ଡାର ପାଇଁ ଦରଖାସ୍ତ ପହଞ୍ଚିଛି । ୨ଟି ଅଚଳ ହୋଇପଡ଼ିଥିବା ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ଦରଖାସ୍ତ ପହଞ୍ଚିଛି । ଯେଉଁଥିରୁ ୫ଟିକୁ ସରକାର ଅନୁମୋଦନ ଦେଇଛନ୍ତି । ସରକାର ସବସିଡି ଦେବା ସହ ବିଦ୍ୟୁତ ଶୁଳ୍କ ରିହାତି ପାଇଁ ବି ବ୍ୟବସ୍ଥା କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ୨୩୯ ଟି ସୋଲାର କୋଲ୍ଡ ରୁମ ଖୋଲାଯାଇଛି ବୋଲି ଗୃହରେ ଉତ୍ତର ରଖିଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ମହିଳାଙ୍କ ପାଇଁ ସୁପ୍ରିମକୋର୍ଟର ବଡ ନିର୍ଦ୍ଦେଶନାମା

ନୂଆଦିଲ୍ଲୀ:ମଙ୍ଗଳବାର ଦିନ ସୁପ୍ରିମକୋର୍ଟ ଛାଡପତ୍ର ଏବଂ ଯୌତୁକ ଉପରେ ଏକ ଐତିହାସିକ ରାୟ ଦେଇଛନ୍ତିଙ୍ଗ କୋର୍ଟ ରାୟ ଦେଇଛନ୍ତି ଯେ ଜଣେ ଛାଡପତ୍ରପ୍ରାପ୍ତ ମୁସଲିମ ମହିଳା ବିବାହ ସମୟରେ ତାଙ୍କ ସ୍ୱାମୀଙ୍କ ଘରକୁ ନେଇଥିବା ନଗଦ, ସୁନା, ଅଳଙ୍କାର ଏବଂ ଅନ୍ୟାନ୍ୟ ଉପହାରକୁ ଫେରି ପାଇପାରିବେଙ୍ଗ କୋର୍ଟ ଏହି ଉପହାରଗୁଡ଼ିକୁ ମହିଳାଙ୍କ ନିଜସ୍ୱ ସମ୍ପତ୍ତି ଭାବରେ ଘୋଷଣା କରିଛନ୍ତି ବିବାହ ବିଚ୍ଛେଦ ହେବା ପରେ ସେଗୁଡ଼ିକୁ ତାଙ୍କୁ ଫେରାଇ ଦିଆଯିବଙ୍ଗ ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି କରିଛନ୍ତି ।ଏହି ମାମଲା ପଶ୍ଚିମବଙ୍ଗର ରୋଶନାରା ବେଗମଙ୍କ ସହିତ ଜଡିତ ଯିଏ ଅଗଷ୍ଟ ୨୦୦୫ରେ ବିବାହ କରିଥିଲେ ।

# ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା

ଭୁବନେଶ୍ୱର,୩।୧୨(ମହାଭାରତ): ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା । ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟ ରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି । ସେହିପରି ୩୩ ହଜାର ୧୨୮ ଅଯୋଗ୍ୟ ରାସନ କାର୍ଡ କୁ ବାତିଲ କରାଯାଇଛି । ଯାହାର ପରିବାର ସଦସ୍ୟଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୨୦ ହଜାର ୧୯୯ । ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାର ୭୪୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି ।ସେହିପରି ଦ୍ୱିତୀୟରେ କଟକ ରୁ ୨୯୦୫ ଗୋଟି ଜାଲି କାର୍ଡ ଧରା ପଡିଛି ।ତୃତୀୟ ରେ ରହିଛି ସୁନ୍ଦରଗଡ଼ ଜିଲ୍ଲା ଯେଉଁଠି ୨୩୫୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି ।



ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର । ଅନ୍ୟ ଏକ ଲିଖିତ ଉତ୍ତର ରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଜୁନ୍ ୨୦୨୪ ଠାରୁ ରାସନ କାର୍ଡ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ ଗୋଟି ଆବେଦନ ହସ୍ତଗତ ହୋଇଛି । ତନ୍ମଧ୍ୟରୁ, ୩ ଲକ୍ଷ ୨୩ ହଜାର ୧୪୫ ଗୋଟି ଆବେଦନ ଯାହାର ପରିବାର ସଦସ୍ୟ ସଂଖ୍ୟା ୬ ଲକ୍ଷ ୩୯ ହଜାର ୮୨୭ ଗୁଡିକ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବରେ ଅନ୍ତର୍ଭୁକ୍ତ ହୋଇଛି ।

ସେଭଳି, ୭ ଲକ୍ଷ ୩୭ ହଜାର ୫୩୦ ଗୋଟି ଆବେଦନ ଗୁଡ଼ିକୁ, 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମ ୨୦୨୦୨ ର ବାଦଦେବା ମାନଦଣ୍ଡ ଭିତ୍ତିରେ, ଅଗ୍ରାହ୍ୟ କରାଯାଇଛି , ବଳକା ଥିବା ଏବଂ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ ଗୋଟି ଆବେଦନ ଗୁଡ଼ିକର, ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି ।

# ପୁଣି ବାଂଲାଦେଶୀ ତନାଘନା ଆରମ୍ଭ

ଭୁବନେଶ୍ୱର,୩।୧୨ : ଜଗତସିଂହପୁର ଜିଲ୍ଲାରେ ପୁଣି ବାଂଲାଦେଶୀ ତନାଘନା ଆରମ୍ଭ ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଯାଞ୍ଚ କରୁଛି ପୋଲିସ ।ଜଗତସିଂହପୁର ଜିଲା ତରିକୁନ୍ଦ ଦରିଆପୁର ବସ୍ତିରେ ସଦର ପୋଲିସର ଚଢ଼ାଉ କରି ୨୦ରୁ ଉର୍ଦ୍ଧ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଠାବ କରାଯିବା ସହ ଅଟକ ରଖାଯାଇଛି । ମଙ୍ଗଳବାର ରାତିରେ ଆଡିସନାଲ ଏସପି ଓ ଏସଡିପିଓଙ୍କ ନେତୃତ୍ୱରେ ଅଚାନକ ଚଢ଼ାଉ କରାଯାଇଥିଲା ଘଟଣା ସ୍ଥଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଏହି ବସ୍ତିରେ ଥିବା ଏକ ମଦ୍ରାସାରେ କିଛି ବାଂଲାଦେଶୀ ରହିଥିବାର ଖବର ପାଇବା ପରେ ପୋଲିସ ଚଢ଼ାଉ ଆରମ୍ଭ କରିଥିଲା । ଅଟକ ବାଂଲାଦେଶୀଙ୍କ ମଧ୍ୟରୁ କିଛି ଜଣ ନାବାଳକ ରହିଛନ୍ତି । ଏମାନଙ୍କୁ କିଛି ଦିନ ହେବ ଏକ ମଦ୍ରାସାରେ ଆଣି ରଖାଯାଇଥିଲା । ବସ୍ତିରୁ ଉଧାର ସମସ୍ତ ସନ୍ଦିଗ୍ଧ ବାଂଲାଦେଶୀ ମାନଙ୍କୁ ବାଗଲପୁର ସେଲଟର ହୋମକୁ ନିଆଯାଇଛି ପୋଲିସ ଚଢ଼ାଉ ବେଳେ ୧୦ ଜଣରୁ ଉର୍ଦ୍ଧ ସନ୍ଦିଗ୍ଧ ଖସି ଯାଇଥିବାର ଜଣାଯାଇଛି ପୋଲିସ ଖସି ଯାଇଥିବା ବାଂଲାଦେଶୀଙ୍କୁ ଧରିବା ପାଇଁ ପ୍ରୟାସ ଜାରି କରିଛି ।



ସେପଟେ ଭଦ୍ରକରେ ବି ଜୋରଦାର ଚଢଉ କରାଯାଇଛି । ବାଂଲାଦେଶୀ ସନ୍ଦେହରେ ୮ ସନ୍ଦିଗ୍ଧଙ୍କୁ ଉଠାଇ ନେଇଛି ବାସୁଦେବପୁର ଥାନା ପୋଲିସ ଥାନାରେ ଭଦ୍ରକ ଏସପି ମନୋଜ ରାଉତ ପହଞ୍ଚି ବିଭିନ୍ନ ପ୍ରକାର ଯାଞ୍ଚ କରିଛନ୍ତି ଆଧାର କାର୍ଡ, ଭୋଟର ପରିଚୟ ପତ୍ର, କେଉଁ ଅଞ୍ଚଳରେ ରହୁଛନ୍ତି, କେଉଁଠୁ ଆସିଛନ୍ତି, ଏଠାରେ କି ପ୍ରକାର ବ୍ୟବସାୟ କରୁଛନ୍ତି ଏମିତି କିଛି ପ୍ରଶ୍ନ ଅନେକ ଜଣଙ୍କୁ ଭଦ୍ରକ ଏସପି ପଚାରିଛନ୍ତି ।

## ନଦୀ ଜଳ ଦୂଷିତ ହେଲେ ଦାୟୀ ରହିବେ ଅଧିକାରୀ

ଭୁବନେଶ୍ୱର,୩।୧୨(ମହାଭାରତ): ନଦୀ ଜଳ ଦୂଷିତ ହେଲେ ଦାୟୀ ରହିବେ ଅଧିକାରୀ । ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଶ୍ନକାଳରେ ନଦୀ ଜଳ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି କି, ବିଭାଗ ପକ୍ଷରୁ ନଦୀ ଜଳକୁ ୩ ମାସରେ ଥରେ ପରୀକ୍ଷା ହେଉଛି । ଆମେ କହିପାରିବା ନାହିଁ ସବୁ ସ୍ଥାନରେ ନଦୀ ଜଳ ଠିକ୍ ଅଛି । କଳ କାରଖାନାରୁ ବର୍ଜ୍ୟ ବସ୍ତୁ ଆସୁଛି । ନିରନ୍ତର ଭାବେ ନଦୀ ଜଳ ଚେକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର ଅଧିକାରୀ ମାନେ ଭୁଲ୍ କଲେ ଗୋଟେ ମାସର ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

ଓଡ଼ିଶାର ୧୬ଟି ସ୍ଥାନରେ ନଦୀ ଜଳ ବର୍ତ୍ତମାନ ପ୍ରଦୂଷିତ ହୋଇଛି ପ୍ରଭାବିତ ସ୍ଥାନଗୁଡ଼ିକ ମଧ୍ୟରେ କଟକର କାଠଯୋଡି, ଭୁବନେଶ୍ୱରର ଦୟା ନଦୀ ଏବଂ ଗଙ୍ଗୁଆ । ନାଳ, ଗୋପର ଭିଙ୍ଗାରପୁର ନିକଟବର୍ତ୍ତୀ କୁଶଭଦ୍ରା, ରାଉରକେଲାର ବ୍ରାହ୍ମଣୀ ନଦୀ ଏବଂ ଗୁରାଡି ନାଳ ପ୍ରଦୂଷଣ ଥିବା ରିପୋର୍ଟ ହୋଇଛି । ଏହା ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରଦୂଷିତ ହେଉଛି । ଏସବୁ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି ।

# ୧୨ ହଜାର ହେବ ଚାଷୀଙ୍କ ଆୟ : କୃଷି ମନ୍ତ୍ରୀ

ଭୁବନେଶ୍ୱର,୩।୧୨(ମହାଭାରତ): ଚାଷୀଙ୍କ ମାସିକ ଆୟ ହେବ ୧୨ ହଜାର ଟଙ୍କା ହେବା ନେଇ ବିଧାନସଭାରେ ଲିଖିତ ଉତ୍ତର ଦେଇଛନ୍ତି କୃଷି ମନ୍ତ୍ରୀ କେଭି ସିଂଦେଓ । ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅଣତାରକା ପ୍ରଶ୍ନରେ ଉତ୍ତର ରଖି ଏହି ସୂଚନା ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ସେ କହିଛନ୍ତି ଯେ, ସର୍ବଭାରତୀୟ ସ୍ତରରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ଆମ ରାଜ୍ୟର କୃଷକ ପରିବାରର ମାସିକ ଆୟ ୨୦୧୮-୧୯ରେ ୫, ୧୧୨ ଟଙ୍କା ଥିଲା । କୃଷକ ପରିବାର ମାସିକ ଆୟକୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ବିକଶିତ ଓଡ଼ିଶା ୨୦୩୬ରେ ଲକ୍ଷ ରଖାଯାଇଛି । ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ।



ନୂଆ ସରକାରରେ ହୋଇନି ଗୋଟିଏ ବି ଚାଷୀ ଆତ୍ମହତ୍ୟା ବିଧାନସଭାରେ କଂଗ୍ରେସ ବିଧାୟକ ସାଗର ଚରଣ ଦାସଙ୍କ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଗତବର୍ଷ କେତେ ଚାଷୀଙ୍କ ମୃତ୍ୟୁ ହୋଇଛି , କେତେ ଚାଷୀ ଆତ୍ମହତ୍ୟା କରିଛନ୍ତି, ଋଣ ଭାରରେ ଚିନ୍ତାଗ୍ରସ୍ତ ହୋଇ କେତେ ଚାଷୀ ଜୀବନ ହାରିଛନ୍ତି ବୋଲି ପ୍ରଶ୍ନ କରିଥିଲେ । କଂଗ୍ରେସ ବିଧାୟକ ଯାହାର ଲିଖିତ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ୨୦୨୪-୨୫ରେ ଗୋଟିଏ ବି ଚାଷୀ ଆତ୍ମହତ୍ୟାର ସୂଚନା ନାହିଁ । ଋଣ ଭାର ନେଇ କୌଣସି ଚାଷୀ ଆତ୍ମହତ୍ୟା କରି ନଥିବା କହିଛନ୍ତି ମନ୍ତ୍ରୀ ।

# ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି, କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା, କଞ୍ଚା, ଲଙ୍କା, ଲୁଣ, ଚିନି, ଲେମ୍ବୁ ରସ, ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ, ଅଦା, କଞ୍ଚା ଲଙ୍କା, ଲୁଣ ଚିନି, ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ, ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା, କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



ଖବର

# ଆସୁଛି 'ତେରେ ଇସ୍କ ମେଁ' ଫିଲ୍ମ



ନିକଟରେ ସିନେମା ହଲରେ ରିଲିଜ୍ ହୋଇଛି ଫିଲ୍ମ 'ତେରେ ଇସ୍କ ମେ' ।ଯେଉଁଥିରେ ଧନୁଷ ଏବଂ କ୍ରିତି ସାନନ୍ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଲୋକପ୍ରିୟ ଫିଲ୍ମ ରାଞ୍ଝଣା'ର ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟ ଏହାର ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ବର୍ତ୍ତମାନ ଏହି ଫିଲ୍ମକୁ ନେଇ ଖୁବ ହଇଚଇ ସୃଷ୍ଟି ହୋଇଛି । ବକ୍ସ ଅଫିସରେ ଧମାଲ କରିବା ସହ ଦର୍ଶକଙ୍କ ବେଶ ପ୍ରଶଂସା ସାଉଣ୍ଟୁଛି । ତେବେ ଆଜି ଆମେ ଆପଣଙ୍କୁ ଓଟିଟି ଆପରେ କେବେ ଏହି ଫିଲ୍ମ ରିଲିଜ୍ ହେବ ଜଣାଇବୁ ।ବାସ୍ତବରେ, କିଛି ଲୋକ ଅଛନ୍ତି ଯେଉଁମାନେ ଥିଏଟର ପରିବର୍ତ୍ତେ ଘରେ ବସି ଓଟିଟି ଆପରେ ଫିଲ୍ମ ଦେଖିବାକୁ ପସନ୍ଦ କରନ୍ତି । ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଏବଂ 'ତେରେ ଇସ୍କ ମେଁ'ର ଓଟିଟି ରିଲିଜକୁ ଅପେକ୍ଷା କରିଛନ୍ତି, ତେବେ ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ ଥିଏଟର ରନ୍ ଶେଷ ହେବା ପରେ ଏହି ଫିଲ୍ମ ଓଟିଟି ଆପ୍ ନେଟଫ୍ଲିକ୍ସରେ ଆସିବ । ଓଟିଟି ପ୍ଲେର ଏକ ରିପୋର୍ଟ ଅନୁଯାୟୀ, ନେଟଫ୍ଲିକ୍ସ ଏହି ଫିଲ୍ମର ଓଟିଟି ପାର୍ଟନର ଅଟେ ।ତେବେ ନିର୍ମାତାମାନଙ୍କ ଠାରୁ ଓଟିଟି ରିଲିଜ୍ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ, କିନ୍ତୁ ରିପୋର୍ଟରେ କୁହାଯାଇଛି ଯେ ଥିଏଟରରେ ଚଳିବା ପରେ, ଫିଲ୍ମଟି ଜାନୁଆରୀ ୨୩, ୨୦୨୬ ସୁଦ୍ଧା ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହୋଇପାରିବ ।ବାକି ନିର୍ମାତା କିମ୍ବା ଓଟିଟି ଆପ୍ ଗୁଡ଼ିକର ଅଫିସିଆଲ ଘୋଷଣାକୁ ଅପେକ୍ଷା କରିବାକୁ ପଡିବ ।ନଭେମ୍ବର ୨୮ ତାରିଖରେ ସିନେମାହଲରେ ମୁକ୍ତିଲାଭ କରିଥିବା ଫିଲ୍ମ 'ତେରେ ଇସ୍କ ମେଁ' ମାତ୍ର ତିନି ଦିନରେ ୫୨ କୋଟି ଟଙ୍କା ଆୟ କରିଛି । ଏହି ଫିଲ୍ମ ଯେଉଁଭଳି ଭାବେ ପ୍ରଦର୍ଶନ କରୁଛି ତା'କୁ ଦେଖି ଲାଗୁଛି ଯେ ଆଗାମୀ ଦିନରେ ଏହି ଫିଲ୍ମ ଏହାର ବଜେଟ୍ ପାର କରିବା ସହ ବକ୍ସ ଅଫିସରେ ଧମାଲ କରିବ । ରିପୋର୍ଟ ମୁତାବକ, ଏହି ଫିଲ୍ମର ବଜେଟ୍ ୮୫ କୋଟି ଟଙ୍କା ରହିଛି ।ଧନୁଷ ଓ କ୍ରିତି ସାନନଙ୍କ ବ୍ୟତୀତ ପ୍ରକାଶ ରାଜ ମଧ୍ୟ ଏହି ଫିଲ୍ମରେ ନଜର ଆସିଛନ୍ତି । ସେ ଧନୁଷଙ୍କ ପିତାଙ୍କ ଭୂମିକାରେ ଅଭିନୟ କରିଛନ୍ତି । ୨୦୧୩ ଚଳଚ୍ଚିତ୍ର 'ରାଞ୍ଝଣାରୁ ଜିଶାନ ଆୟୁବଙ୍କୁ ମଧ୍ୟ ମୁରାରୀ ଭୂମିକାରେ ଫେରାଇ ଅଣାଯାଇଛି।

# ଶ୍ରୀରାମଙ୍କ ନାମର ମହିମା



'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୂତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୂତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।

# ଝାଡୁ ସହ ଜଡିତ ନିୟମ : ପାଳନ କଲେ ହେବ ଧନବର୍ଷା

ଝାଡୁର ବ୍ୟବହାର ପ୍ରତ୍ୟେକ ଘରେ କରାଯାଏ। ଘରକୁ ସଫାସୁତୁରା କରିବା ପାଇଁ ବ୍ୟବହାର କରାଯାଉଥିବା ଝାଡୁରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି ବୋଲି ମାନ୍ୟତା ରହିଛି। ତେଣୁ ଶାସ୍ତ୍ରରେ ଝାଡୁକୁ ନେଇ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି। ଝାଡୁ ସହ ଜଡିତ କିଛି ନିୟମ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ। ଏହି ନିୟମର ପାଳନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ଧନଲାଭ ହୋଇଥାଏ।

ଝାଡୁ କିଣିବା ପୂର୍ବରୁ କିମ୍ବା ଫୋପାଡିବା ପୂର୍ବରୁ ବାରର ଗୁରୁତ୍ୱ ରହିଛି। ଝାଡୁ ସହ ଜଡିତ ନିୟମର ପାଳନ କରିବା ଦ୍ୱାରା ଧନପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ। ଜାଣନ୍ତୁ..



ପୁରୁଣା ଝାଡୁକୁ କଦାପି ଗୁରୁବାର କିମ୍ବା ଶୁକ୍ରବାର ଏହାକୁ ଫିଙ୍ଗିବା ଉଚିତ ନୁହେଁ। ଏହି ଦିନ ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏହିଦିନ ଝାଡୁକୁ ବାହାରେ ଫିଙ୍ଗିବା ଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି। ଝାଡୁରେ କଦାପି ଗୋଡ ମାରନ୍ତୁ ନାହ।ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଝାଡୁ କିଣିବା ପାଇଁ ମଙ୍ଗଳବାର ଓ ଶନିବାର ଦିନ ଖୁବ ଶୁଭୟ ଏହାଦ୍ୱାରା ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ ଶୁଭ ପରିବର୍ତ୍ତନ ହୋଇଥାଏୟ ଘରେ ସମ୍ପନତା ଆସିଥାଏ। ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। କୃଷପକ୍ଷରେ ଝାଡୁ କିଣିବା ଶୁଭଙ୍କର ବୋଲି କୁହାଯାଏ।

ଝାଡୁକୁ ସର୍ବଦା ଏପରି ସ୍ଥାନରେ ରଖନ୍ତୁ,ଯେପରି ଏହା ଉପରେ କାହାରି ନଜର ପଡିବ ନାହିଁ। ଝାଡୁକୁ ଭୁଲରେ ମଧ୍ୟ ଖଟ ତଳେ ରଖନ୍ତୁ ନାହ। ସୂର୍ଯ୍ୟୋସ୍ତ ପରେ ଘରେ କଦାପି ଝାଡୁ କରନ୍ତୁ ନାହିଁ। ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି।

# ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନୀ ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭାଇ, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

# ସୂର୍ଯ୍ୟ ନାରାୟଣଙ୍କ ୨୧ ପବିତ୍ର ନାମ

ପଞ୍ଚ ହିନ୍ଦୁ ଦେବଙ୍କ ମଧ୍ୟ ସୂର୍ଯ୍ୟ ହେଉଛନ୍ତି ଶ୍ରେଷ୍ଠ । ସେ ଆଲୋକ ପ୍ରଦାନ କରି ସାରା ଜୀବଜଗତକୁ ଜୀବନ ପ୍ରଦାନ କରିଛନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟ ଦେବ ଋଷି



କଶ୍ୟପ ଏବଂ ମାତା ଅଦିତିଙ୍କ ପୁତ୍ର । ମାତାଙ୍କ ନାମ ଅନୁସାରେ ତାଙ୍କୁ ଆଦିତ୍ୟ ନାମରେ ସମ୍ବୋଧନ କରାଯାଇଥାଏ। ସୂର୍ଯ୍ୟ ଦେବଙ୍କ ଠାରୁ ଶିକ୍ଷା ଗ୍ରହଣ କରି ହନୁମାନ ମହାଜ୍ଞାନୀ ହୋଇ ପାରିଥିଲେ । ହିନ୍ଦୁ ଧର୍ମରେ ସୂର୍ଯ୍ୟ ପୂଜାର ବିଶେଷ ମହତ୍ତ୍ୱ ରହିଛି । ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଦେବଙ୍କ ପୂଜା ଅଶେଷ କଲ୍ୟାଣଦାୟୀ ହୋଇଥାଏ । ଭଗବାନ ସୂର୍ଯ୍ୟ ନାରାୟଣଙ୍କର ୨୧ଟି ପବିତ୍ର ନାମ ରହିଛି । ଏହି ନାମ ଉଚ୍ଚାରଣ କରିବା ଦ୍ୱାରା ଆୟୁ, ଶକ୍ତି, ସଫଳତା, ସମ୍ମାନ ଓ ପ୍ରତିପତି ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି । ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ 'ସ୍ତବରାଜ' ଭାବେ ପ୍ରସିଦ୍ଧ ସୂର୍ଯ୍ୟ ଦେବଙ୍କ ଏହି ୨୧ଟି ନାମ ଉଚ୍ଚାରଣ କରିବା ଦ୍ୱାରା ସୂର୍ଯ୍ୟଙ୍କ କୃପାପ୍ରାପ୍ତି ସହଜ ହୋଇଥାଏ । ଏହି ନାମ ହେଉଛି: ଭାସ୍କର, ରବି, ତାପନ, ଲୋକସାକ୍ଷୀ, ଲୋକପ୍ରକାଶକ, ତପନ, ସୁଚିପବନ, ଲୋକଚକ୍ଷୁ, ଶ୍ରୀମାନ୍, ତ୍ରୀଲୋକେଶ, କର୍ତ୍ତା, ଗ୍ରହେଶ୍ୱର, ହର୍ତ୍ତା, ବ୍ରହ୍ମା, ଗଭସ୍ତିହସ୍ତ, ତମିସ୍ତ୍ରହ, ସପ୍ତଶ୍ୱବାହାନ, ବିକର୍ତ୍ତନ, ବିଭାଶ୍ୱନ, ମାର୍ତ୍ତଣ୍ଡ ସର୍ବଦେବନମସ୍କ୍ରାତ୍ । ଏହି ନାମ ଜପ କଲେ ଭକ୍ତର ସମସ୍ତ ଦୁଃଖ ଦୂର ହେବାର ସହ ଅଶେଷ କଲ୍ୟାଣ ପ୍ରାପ୍ତି ହୋଇଥାଏ ।

# ଆଠଗଡ଼ ବ୍ଲକରେ ଆଳୁ ବିହନ ବିତରଣ

**ଭୁବନେଶ୍ୱର,୩।୧୨ (ମହାଭାରତ):** କଟକ ଜିଲ୍ଲା ଆଠଗଡ଼ ବ୍ଲକର ଧୁରୁଷିଆ ପଞ୍ଚାୟତ ଅନ୍ତର୍ଗତ ଜଗମୋହନପୁର ଗ୍ରାମ ଠାରେ ରବିବାର ଏକ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଚଳିତ ରବିଋତୁ ୨୦୨୫ ରେ ରାଜ୍ୟ ସରକାରଙ୍କ 'ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ୍ନ 'ଯୋଜନା ଅଧୀନରେ ପ୍ରାମାଣିକ ଆଳୁ ବିହନ ବିତରଣ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ହୋଇଛି। ଚଳିତ ରବି ଋତୁରେ ଗୁଣାତ୍ମକ ଅଧିକ ଉତ୍ପାଦକ୍ଷମ ବିହନ ଆଳୁ ଯୋଗାଣ ପୂର୍ବକ ଆଳୁ ଚାଷର ବ୍ୟାପକ ପ୍ରସାର ଏବଂ କୃଷକ ମାନଙ୍କର ଆର୍ଥିକ ଉନ୍ନତି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ।

ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତ କରଣ ଓ ଶକ୍ତିବିଭାଗର ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମବେତ କୃଷକମାନଙ୍କୁ ସମ୍ବୋଧନ କରି ଆଳୁଚାଷର ଉତ୍ପାଦନ ବୃଦ୍ଧିନିମନ୍ତେ,ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ରାଜ୍ୟରେ ଆଳୁଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବ୍ୟକ୍ତ କରିଥିଲେ।



ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଳୁର ଅଧିକ ଉତ୍ପାଦନକ୍ଷମ ଗୁଣାତ୍ମକ ବିହନ ସହିତ ଉନ୍ନତ ବୈଜ୍ଞାନିକ ଚାଷ ପ୍ରଣାଳୀ ମାଧ୍ୟମରେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସମବେତ କୃଷକମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଅତିଥି ବୃନ୍ଦ,କୃଷକ ଏବଂ ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର 'ମନ୍ କି ବାତ' ଉଦ୍ ବୋଧନକୁ ଶ୍ରବଣ କରିଥିଲେ ଏବଂ ତା ପରେ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମାନ୍ ସ୍ୱାଗତ ସମ୍ଭାଷଣ ରଖିଥିଲେ। ରାଜ୍ୟ ସରକାରଙ୍କ ବିହନ ଯୋଗାଣ ନିଗମର ପରିଚାଳନାକାରୀ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ରାଜ୍ୟର କୃଷକମାନଙ୍କ ଚାହିଦା ଅନୁସାରେ ଯଥାସମୟରେ ପ୍ରାମାଣିକ ବିହନ ଆଳୁ ଯୋଗାଣ ଦିଗରେ ନିଗମର ପ୍ରଚେଷ୍ଟା ସମ୍ବନ୍ଧରେ ଅବଗତ କରାଇଥିଲେ। ବର୍ତ୍ତମାନ ସୁଦ୍ଧା ୧,୪୦,୦୦୦ କ୍ୱିଣ୍ଟାଲ ବିହନ ଆଳୁ ପଠାଯାଇଛି ଏବଂ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ୯୧,୬୩୩ କ୍ୱିଣ୍ଟାଲ ବିହନ ଆଳୁ ବଣ୍ଟନ କରାଯାଇଛି ।କଟକ ଜିଲ୍ଲାରେ, ୮୦୦ ହେକ୍ଟର ଜମିକୁ କଭର କରିବାର ଯୋଜନା ରହିଛି, ଯାହା ମଧ୍ୟରୁ ଆଠଗଡ଼ ଉପଖଣ୍ଡରେ ୨୭୦ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ଯୋଜନା ରହିଛି ।ଏହା ପରେ କୃଷକମାନଙ୍କୁ ପ୍ରାମାଣିକ ବିହନ ଆଳୁ ବିତରଣ ଏବଂ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଆଳୁ ବିହନ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ, ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, ସୁବ୍ରତ କୁମାର ଚାନ୍ଦ, କଟକ ଜିଲ୍ଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସାଣ୍ଡୁଲ୍ ରାମା ରାଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ

**ଭୁବନେଶ୍ୱର,୩।୧୨ (ମହାଭାରତ):** ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ହେଉଛି ଜୀବନର ମୂଳମନ୍ତ୍ର ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଲାଲ୍ କହିଲେ, ମୁଁ କିଏ, ମୁଁ କେଉଁଠି ଅଛି ଓ ମୁଁ କାହିଁକି ଅଛି ଏ ଅସମାହିତ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ମାତ୍ର କିସ୍ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଏହି ଅସମାହିତ ପ୍ରଶ୍ନ ଉତ୍ତର ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେଇପାରିଛନ୍ତି। କିସ୍ ଆଜି ବିଶ୍ୱ ପାଇଁ ଏକ ଐତିହ୍ୟ ପାଲଟିଛି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ସବୁବେଳେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମା ବା ଇନର୍ ନେଟ୍‌କୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ। ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରଫେସର ଲାଲ୍ କହିଥିଲେ। ଏହି ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ୍ ବୋଚମୁଇ କହିଲେ, ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ନେତୃତ୍ୱକୁ ନିକଟରେ ପାଇଥିବାରୁ କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ। ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ ପ୍ରଭାବୀ ଅସ୍ତ୍ର। ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଳଦରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତି ସାଂସଦ ଭର୍ତ୍ତୃହରି ମହତାବ, ଦୈନିକ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀ ମହତାବ କହିଲେ, ଏହି ସମ୍ମାନସୂଚକ ଡିଗ୍ରୀ ମୋର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ନୁହେଁ, ସାଧାରଣ ଜୀବନରେ ଦୀର୍ଘ ୩୦ବର୍ଷର ମୋର କାର୍ଯ୍ୟର ସ୍ୱୀକୃତି। କିସ୍‌ର ଛାତ୍ରଛାତ୍ରୀମାନେ ଯେଉଁ ଶୃଙ୍ଖଳା ଓ ସଞ୍ଜମ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶାର ଅନ୍ତର୍ନିହିତ ଶକ୍ତିକୁ ହିଁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ। ସମ୍ମାନ ଗ୍ରହଣ ଶ୍ରୀ ପଟ୍ଟନାୟକ କହିଲେ, ଏପରି ସମାବର୍ତ୍ତନ ସଭା ପ୍ରଥମ ଥର ପାଇଁ ମୁଁ ମୋ ଜୀବନରେ ଦେଖୁଛି। ଏହି ସମ୍ମାନ ମୋତେ ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଯୋଗାଇବ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଶ୍ନ ପଚାରି ଶିଖ ଏବଂ ମାଆ, ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରଖିଥାଅ। ସମ୍ମାନ ଗ୍ରହଣ ଶ୍ରୀ ଜଗଦାନନ୍ଦ କହିଲେ, ନ୍ୟାୟ ଓ ସମ୍ମାନ କ୍ଷେତ୍ରରେ ଓଡ଼ିଶାର ଯାତ୍ରାକୁ ମୋର ଏହି ସମ୍ମାନ ପ୍ରତିଫଳିତ କରୁଛି।

# ଭୁବନେଶ୍ୱର ଭାରତର ପରବର୍ତ୍ତୀ ବୃହତ ବାଣିଜ୍ୟିକ ହବ୍ ଭାବରେ ଉଭା : ଜେଏଲଏଲ

**ଭୁବନେଶ୍ୱର,୩।୧୨ (ମହାଭାରତ):** ଭୁବନେଶ୍ୱରରେ ଅଭୂତପୂର୍ବ ବାଣିଜ୍ୟିକ ଅଭିବୃଦ୍ଧି ଘଟିଛି। ୨୦୨୪ ମସିହାରେ କାର୍ଯ୍ୟାଳୟ, ଖୁଚୁରା ଏବଂ ଶିଳ୍ପ ବିଭାଗରେ ମୋଟ ରିଅଲ୍ ଇଷ୍ଟେଟ୍ ଷ୍ଟକ୍ ୮.୮ ନିୟୁତ ବର୍ଗଫୁଟରେ ପହଂଚିଛି, ଯାହା ଓଡ଼ିଶା ରାଜଧାନୀକୁ ପାରମ୍ପରିକ ମହାନଗର ବାହାରେ ଭାରତର ଦ୍ରୁତତମ ଉଦୀୟମାନ ବ୍ୟବସାୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିଛି ବୋଲି ଜେଏଲ୍ ଏଲ୍ ରିପୋର୍ଟ ଅନୁଯାୟୀ 'ବିୟଣ୍ଡ୍ ଦି ମେଟ୍ରୋ : ଇନସାଇଟ୍ସ ଇନଟୁ ଇଣ୍ଡିଆଜ୍ ଇମର୍ଜିଂ ରିଅଲ୍ ଇଷ୍ଟେଟ୍ ଷ୍ଟାର୍ସ' ଶୀର୍ଷକ ରିପୋର୍ଟ। ସହରର ବାଣିଜ୍ୟିକ କାର୍ଯ୍ୟାଳୟ ବଜାର ୬.୪ ନିୟୁତ ବର୍ଗଫୁଟ ଷ୍ଟକ୍ ସହିତ ଏହି ସମ୍ପ୍ରସାରଣକୁ ଆଗେଇ ନେଇଛି ଯାହା ୨୦୨୭ ସୁଦ୍ଧା ୭ ନିୟୁତ ବର୍ଗଫୁଟକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଖାଲି ପଦବୀ ହାର ୮% ରେ ସ୍ଥିରତା ବଜାୟ ରଖିଛି ଏବଂ ବର୍ଗଫୁଟ ପିଛା ୩୫-୯୫ ଟଙ୍କା ଭଡ଼ା ପରିସର ରହିଛି, ଭୁବନେଶ୍ୱର ପ୍ରତିଯୋଗିତାମୂଳକ ମୂଲ୍ୟରେ ଗୁଣାତ୍ମକ ଭିର୍ତ୍ତିଭୂମି ଖୋଜୁଥିବା ବ୍ୟବସାୟ ପାଇଁ ଆକର୍ଷଣୀୟ ମୂଲ୍ୟ ପ୍ରସ୍ତାବ ପ୍ରଦାନ କରୁଛି। ଜେଏଲଏଲ ଭାରତର ଇଷ୍ଟ ଏବଂ ଏମର୍ଜାିଙ୍ଗ ବଜାରର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ ସୁରେଖା ବିହାନୀ କହିଛନ୍ତି ଯେ, "ଭୁବନେଶ୍ୱର ଭାରତର ପରବର୍ତ୍ତୀ ପିଢ଼ିର ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ସୁଯୋଗର ପ୍ରତିନିଧିତ୍ୱ କରୁଛି, ଯାହା ବିଶ୍ୱ ସ୍ତରୀୟ ଭିର୍ତ୍ତିଭୂମି ବିକାଶକୁ ପ୍ରତିଯୋଗିତାମୂଳକ ପରିଚାଳନା ଖର୍ଚ୍ଚ ଏବଂ ଅସାଧାରଣ ପ୍ରତିଭା ଉପଲବ୍ଧତା ସହିତ ମିଶ୍ରଣ କରୁଛି । 'ପାରମ୍ପାରିକ ମେଟ୍ରୋ ବଜାର ବାହାରେ ବିସ୍ତାର ଚାହୁଁଥିବା ବ୍ୟବସାୟ ପାଇଁ ସହର ବାଧ୍ୟତାମୂଳକ ମୌଳିକତା ପ୍ରଦାନ କରେ ।

# କଳାଞ୍ଜଳୀ ଲୋକକଳା ମହୋତ୍ସବ ଉଦଯାପିତ

**ଭୁବନେଶ୍ୱର,୩।୧୨ (ମହାଭାରତ):** କଳାଞ୍ଜଳୀ ଆଟିଷ୍ଟି ଟ୍ରଷ୍ଟ ଆନୁକୁଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ହେଉଥିବା ଦୁଇ ଦିନିଆ ଲୋକକଳା ମହୋତ୍ସବ ଶେଷ ହୋଇଛି। କଳାଞ୍ଜଳୀ ଟ୍ରଷ୍ଟ ସର୍ବଦା ଓଡିଶା ତଥା ବିଭିନ୍ନ ରାଜ୍ୟର ହଜିଯାଉଥିବା ଲୋକକଳାକୁ ପରର ଓ ପ୍ରସାର ନିମନ୍ତେ ବହୁ ପଦକ୍ଷେପମାନ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶାର ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ କହିଥିଲେ ଯେ ଭାରତର ଲୋକକଳା ଅନ୍ୟନ। ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଲୋକକଳା ରହିଛି। ଯାହା ଆମକୁ ପରିଚିତ କରିପାରିଛି। ଏହି ଲୋକକଳାକୁ ବଞ୍ଚାଇବାକୁ ସମସ୍ତେ ପ୍ରୟାସ କରନ୍ତୁ, କଳାଞ୍ଜଳୀର ଏହି ପ୍ରୟାସ ସ୍ୱାଗତଯୋଗ୍ୟ।

ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ କଳାଞ୍ଜଳୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଆସ୍ଥା ହସ୍ପିଟାଲ ସିଇଓ ପ୍ରଭାକର ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦାନ କରିଥିଲେ।



ଭାରତର ତଥା ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ସହ ଯୋଡି ଶଂଙ୍ଖ, ବାଘ ନୃତ୍ୟ, କେରଳର ଲୋକନୃତ୍ୟ ମୋହିନିୟାଟ୍ୟମ୍, ମହାରାଷ୍ଟ୍ରର ଲୋକନୃତ୍ୟ, ଛତ୍ରପୁରର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା କଥାପାଦ, ଲାବନି ନୃତ୍ୟ, ବିହୁ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ମହାରାଷ୍ଟ୍ରର ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ କଳାଞ୍ଜଳୀ ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ପରିଚାଳନା କରିବା ସହ ଲୋକକଳାକୁ ବଞ୍ଚାଇ ରଖିବା ସହ ଏହାର ବିକାଶ ନିମନ୍ତେ ଉଦ୍ୟମରେ ଆପଣମାନେ ଆମ ସହ ସହଭାଗୀ ହେବା ସହ ଓଡିଶା ତଥା ଦେଶ ବିଦେଶରେ ମଧ୍ୟ ଏହା କିପରି ସୁଦୂର ପ୍ରସାରୀ ହୋଇପାରିବ ସେ ନେଇ ଆମ ଅନୁଷ୍ଠାନ ସର୍ବଦା ଉଦ୍ୟମ କରିବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ବାଇଲଣ୍ଡୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଇଣ୍ଡିଆନ୍ ଗୋଲଡେନ୍ ଆଓ୍ୱାର୍ଡରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରାଯାଉ

**ଭୁବନେଶ୍ୱର,୩।୧୨ (ମହାଭାରତ):** ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆଓ୍ୱାର୍ସ। ଆଡୋଲେସେଂଟ୍ସ୍ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ଏକ ଉଲ୍ଲେଖନୀୟ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମେଫେୟାର କନ୍‌ଭେନ୍‌ସନରେ ଆୟୋଜନ କରିଥିଲା। ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ସହରାଂଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଯୁବ-ଅନ୍ତର୍ଭୁକ୍ତିଭିତିକ ସହରାଂଚଳ ବିକାଶ ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ।



ସେ କହିଥିଲେ, "କିଶୋରମାନେ କେବଳ ସହରଗୁଡିକର ବ୍ୟବହାରକାରୀ ନୁହନ୍ତି, ସେମାନେ ମଧ୍ୟ ଏହାର ସହ-ସ୍ରଷ୍ଟା ଅଟନ୍ତି। ସେମାନଙ୍କର ନିରୀକ୍ଷଣ ଏବଂ ଆକଳନ ଆମକୁ ସର୍ବସାଧାରଣ ସ୍ଥଳଗୁଡିକ କିଭଳି ସ୍ୱାସ୍ଥ୍ୟ, ନିରାପତା, ଅନ୍ତର୍ଭୁକ୍ତି ଏବଂ କଲ୍ୟାଣକୁ ପ୍ରଭାବିତ କରେ ତାହା ବୁଝିବାରେ ସହାୟତା କରୁଛି।" ସେ ଆଉ ମଧ୍ୟ ସହରର ସର୍ବସାଧାରଣ ସ୍ଥଳଗୁଡିକ, ଭିନ୍ନକ୍ଷମତା ରହିଥିବା ପିଲାମାନଙ୍କ ନିମନ୍ତେ ସମାବେଶୀ ହେଉଥିବା ଆମୋଦ ପ୍ରମୋଦକାରୀ ଭିତିଭୂମି ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ନିମନ୍ତେ ସୁଲଭ ବାସଗୃହ ପ୍ରକଳ୍ପଗୁଡିକ ଭଳି କ୍ଷେତ୍ରରେ ସହରଗୁଡିକରେ ନୂତନ ସଂସ୍କାର ଏବଂ ଭିତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଫାଉଣ୍ଡର ଚେୟାରପର୍ସନ, ଶ୍ରୀମତୀ ଧରିତ୍ରୀ ପଟ୍ଟନାୟକ, ବିଏମ୍‌ସି କମିଶନର ଚଂଚଲ ରାଣା ଅତିଥିଭାବେ ଯୋଗଦେଇ କହିଥିଲେ, "ପିଲାମାନେ ହେଉଛନ୍ତି ସଚ୍ଚୋଟ ମତାମତ ପ୍ରଦାନକାରୀ।

# ବଦଳିବ ୟୁନିଟ-୪ ଆମିଷ ବଜାରର ରୂପରେଖ

**ଭୁବନେଶ୍ୱର,୩।୧୨ (ମହାଭାରତ):** ବଦଳିବ ୟୁନିଟ ୪ ଆମିଷ ରିଟେଲ ବଜାରର ରୂପରେଖ। ବିଏମସି ମେୟର, କମିସନର, ଅଧିକାରୀ ଏନେଇ ସମୀକ୍ଷା କରିଛନ୍ତି। ଆସିବ ହାଟର ନୂଆ ଡିଜାଇନ। ଯାହାକୁ ନେଇ ପ୍ରସ୍ତୁତ ହୋଇଛି ପ୍ଲାନ୍। ନୂତନ ଦୋକାନ, ପାର୍କିଂ, ସ୍ଲଟର ହାଉସ, ନୂତନ ରାସ୍ତା ହେବ ନିର୍ମାଣ। ହାଟ ଭିତରେ ଭଙ୍ଗାଯିବ ବେଆଇନ୍ ଘର। ଦୀର୍ଘବର୍ଷ ହେବ ୟୁନିଟ ୪ ମାର୍କେଟରେ ପାର୍କିଂ ସମସ୍ୟା ରହିଛି। ରାସ୍ତା କଡ଼ରେ ପାର୍କିଂ ହେଉଥିବାରୁ ସମସ୍ୟା ହେଉଛି। ପ୍ଲାନ୍ ପ୍ରସ୍ତୁତ ପରେ ବହୁ ଜଲଦି ଆରମ୍ଭ ହେବ ଉଚ୍ଛେଦ ପ୍ରକ୍ରିୟା। ଉଚ୍ଛେଦ ପରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ। ଜବରଦଖଲକାରୀଙ୍କୁ ତାଗିଦ କରିଛି ବିଏମସି। ଜଲଦି ଦୋକାନ ଛାଡିବା କହିଛନ୍ତି ବିଏମସି ମେୟର। ୟୁନିଟ-୪ ଆମିଷ ବଜାରରେ ବିଏମସି ମେୟର, କମିସନର ପରିଦର୍ଶନ ବେଳ ରାସ୍ତା କଡ଼ରେ ଗଦା ହୋଇଥିବା ମାଛ, ମାଂସର ଅଳିଆ ଦେଖି ବ୍ୟବସାୟୀଙ୍କୁ ତାଗିଦ କରିଛନ୍ତି।



ରାସ୍ତା କଡ଼ରେ ଗଦା ଯାଇଥିବା ଅଳିଆରୁ ଦୁର୍ଗନ୍ଧ ବାହାରୁ ଥିବାରୁ ଗ୍ରାହକ ଯିବା ଆସିବା ପାଇଁ ଅସୁବିଧା ହେଉଛି। ବ୍ୟବସାୟ ମାନଙ୍କୁ ଆମିଷରୁ ବାହାରୁ ଥିବା ଅଳିଆକୁ ଏଣେ ତେଣେ ନ ପକେଇବା କୁହାଯାଇଛି। ଅମାନିଆ ବ୍ୟବସାୟୀଙ୍କ ଉପରେ ହେବ କର୍ଯ୍ୟାନୁଷ୍ଠାନ। ପ୍ଲାଷ୍ଟିକ ଡ୍ରମରେ ଅଳିଆ ପକାଇବାକୁ କୁହାଯାଇଛି।

# ବଡ଼ ବଜେଟ, ପରିଚାଳନାରେ ଅସଫଳ ସରକାର

**ଭୁବନେଶ୍ୱର,୩।୧୨ (ମହାଭାରତ):** ବିଧାନସଭା ଶୀତକାଳୀନ ଅଧିବେଶନରେ ଅତିରିକ୍ତ ବଜେଟ ଉପସ୍ଥାପନକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ଏହି ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଲେ, ବର୍ତ୍ତମାନର ବିଜେପି ସରକାର ଓଡ଼ିଶାରେ ବଜେଟ ପରିଚାଳନାରେ ସମ୍ପୂର୍ଣ୍ଣ ରୂପେ ଅସଫଳ ହୋଇଛନ୍ତି । ସରକାର ଯେଉଁ ୧୭୪୪୦ କୋଟିର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କଲେ ତାହାର ବିଶେଷ ଆବଶ୍ୟକତା ଥିଲା ଭଳି ମନେହୁଏ ନାହିଁ । ମୂଳ ବଜେଟର ଯାହା ବ୍ୟୟ ବରାଦ ହୋଇଥିଲା ସେଥିରୁ ଅଧା ରାଶି ମଧ୍ୟ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ହୋଇପାରି ନାହିଁ । ସରକାର ଅତିରିକ୍ତ ବଜେଟରେ ଶକ୍ତି ଶ୍ରୀ ନାମରେ କେବଳ ଗୋଟିଏ ନୂଆ ଯୋଜନା ଆଣିଛନ୍ତି ଯାହାର ବ୍ୟୟ ବରାଦ ରାଶି ମାତ୍ର ୧୫ କୋଟି ଟଙ୍କା ଅଟେ ।ଏତଦ ବ୍ୟତୀତ କୌଣସି ନୂଆ ଯୋଜନା ଅତିରିକ୍ତ ବଜେଟରେ ନାହିଁ । ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନାରେ ଟଙ୍କା ଖର୍ଚ୍ଚ କମ ହେଉଥିବା ବେଳେ ରାଜ୍ୟ ସାରା ସବୁ ସମୟରେ ସରକାରୀ ଉତ୍ସବ ପାଳନ ଚାଲିଛି। ଗତ ୯ ମାସରେ ରାଜ୍ୟର ଟିକସ ଅଭିବୃଦ୍ଧି ମାତ୍ର ୧୩% ଥିବାବେଳେ ପୂର୍ବ ବର୍ଷ ସମାନ ସମୟରେ ରାଜ୍ୟର ଅଭିବୃଦ୍ଧି ୧୪.୭ % ଥିଲା ।



ରାଜ୍ୟର ନିଜସ୍ୱ ଟିକସ ଏବଂ ଅଣଟିକସ ଆଦାୟ ଧାର୍ଯ୍ୟ ଲକ୍ଷଠାରୁ ଯଥେଷ୍ଟ କମ ରହିଛି ଏବଂ ତାହାର କାରଣ ରାଜ୍ୟର କମିଥିବା ଅର୍ଥନୈତିକ କାରବାର।

ଶ୍ରୀ କାନୁନଗୋ ସରକାରୀ ଟଙ୍କା ରାଜ୍ୟ ସରକାରଙ୍କ ଟ୍ରେଜେରିରେ ନ ରଖି ବିଭିନ୍ନ ବ୍ୟାଙ୍କରେ ରଖିବାକୁ ନେଇ ଆପତ୍ତି ଉଠାଇବା ସହିତ ଏହାର ଏକ ବିଧିବଦ୍ଧ ତଦନ୍ତ ଦାବୀ କରିଛନ୍ତି। ରାଜ୍ୟ ସରକାରଙ୍କ ପାଖାପାଖି ୨୩ ହଜାର କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଗଚ୍ଛିତ ରହିଛି ଏବଂ ସରକାର ତାର ସୁଧ ପଇସାରୁ କର୍ମଚାରୀ ମାନଙ୍କ ଦରମା ଏବଂ ପେନସନ ବାବଦକୁ ଖର୍ଚ୍ଚ କରୁଛନ୍ତି କିନ୍ତୁ ବିଧି ମୁତାବକ ସରକାରୀ ଟଙ୍କା ଟ୍ରେଜେରୀରେ ରହିବା କଥା କ୍ଷ କିନ୍ତୁ ନ ରହିବା ଫଳରେ ସରକାରୀ ଅର୍ଥର ସଠିକ ହିସାବ ମିଳିପାରୁ ନାହିଁ ।

ପ୍ରଦେଶ କଂଗ୍ରେସର ମୁଖପାତ୍ର ତଥା ଟ୍ୟାକ୍ସ ପରାମର୍ଶଦାତା ପ୍ରଶାନ୍ତ ଶତପଥୀ କହିଲେ, ରାଜ୍ୟ ସରକାର ବଡ଼ ବଜେଟର ଘୋଷଣା କରୁଛନ୍ତି ସତ କିନ୍ତୁ ବଜେଟ ପରିଚାଳନାରେ ସମ୍ପୂର୍ଣ୍ଣ ଅସଫଳ ହେଉଛନ୍ତି। ଓଡିଶାକୁ ଏ ବର୍ଷ କେନ୍ଦ୍ରୀୟ ଅନୁଦାନ ବିପଦ୍ଜନକ ଭାବରେ ହ୍ରାସ ପାଇଛି । କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ବାବଦରେ ଓଡିଶାକୁ ମିଳୁଥିବା ଟଙ୍କା ଯଥେଷ୍ଟ କମ ରହିଛି। କେନ୍ଦ୍ରୀୟ ଅନୁଦାନର ଲକ୍ଷ ୪୧୫୯୧ କୋଟି ହୋଇଥିବାବେଳେ ଓଡିଶା ପାଇଛି ମାତ୍ର ୭୧୬୩ କୋଟି ଯାହାକି ମାତ୍ର ୧୭% ଅଟେ କ୍ଷ ରାଜ୍ୟର ବଜେଟ ଅତିମାତ୍ରାରେ ଋଣ ଉପରେ ନିର୍ଭରଶୀଳ।

# ଡିପଟେକ୍ ବାୟୋଟେକ୍ କମ୍ପାନୀ ଭାରତର ସର୍ବବୃହତ ଇନ୍ସେକ୍ଟ ପ୍ରୋଟିନ ଫ୍ୟାକ୍ଟ୍ରି

**ଭୁବନେଶ୍ୱର,୩।୧୨ (ମହାଭାରତ):** ପଶୁ ପୁଷ୍ଟି ଏବଂ ଜନସ୍ୱାସ୍ଥ୍ୟର ସଂଯୋଗୀକରଣରେ କାର୍ଯ୍ୟ କରୁଥିବା ଏକ ଡ଼ିପ-ଟେକ ବାୟୋଟେକ୍ନୋଲୋଜି କମ୍ପାନୀ, ଏଲମେଟୋଜ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍, ନଭେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ପୋଲ୍ଟ୍ରି ଇଣ୍ଡିଆ ଏକ୍ସପୋ ୨୦୨୫ ରେ ଅଂଶଗ୍ରହଣ କରିଥିଲା। ଏଠାରେ କମ୍ପାନୀ ଭାରତର ପ୍ରଥମ ଇନେସେକ୍ଟ ବେଶଡ ଆଟିବାୟୋଟିକ୍ ଗ୍ରୋଥ୍ ପ୍ରମୋଟର (ଏଜିପି) ରିପ୍ଲେସମେଟ୍ ଟେକ୍ନୋଲୋଜିକୁ ଉନ୍ମୋଚନ କରିଛି, ଯାହା ଦେଶ ପାଇଁ ଏକ ଆଟିବାୟୋଟିକ୍-ମୁକ୍ତ ଖାଦ୍ୟ ଏବଂ ଖାଦ୍ୟ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଦୀର୍ଘ ଦଶନ୍ଧି ଧରି ଭାରତ ଖାଦ୍ୟ ନିରାପତାରେ ଅପାର ଉନ୍ନତି କରି ଆସିଛି। ଖାଦ୍ୟରେ ମାନ ଓ ଗୁଣବତାରେ ବୃଦ୍ଧି ପାଇଁ ଭାରତ ସଦା ସର୍ବଦା ଚେଷ୍ଟିତ। ତେବେ ଏକ୍ସପର୍ଟ ମାନଙ୍କ ଆଗାମୀ ଲକ୍ଷ ହେଉଛି ପୋଷଣ ନିରାପତା, ରେଶିଡୁଆଲ ଓ ଆଟିବାୟୋଟିକ ମୁକ୍ତ ଖାଦ୍ୟ ଅର୍ଥାତ ୧.୪ ବିଲିଅନ ଲୋକଙ୍କ ପାଇଁ ସୁରକ୍ଷିତ ଓ ଗୁଣସ୍ତରଯୋଗ୍ୟ ପ୍ରୋଟିନ୍ ।କିନ୍ତୁ ଦୁଃଖର ବିଷୟ ଏହିକି ଯେ ୩୫ ବିଲିଅନ୍ ଡଲାରର ପୋଲ୍ଟ୍ରି ଇଣ୍ଡଷ୍ଟ୍ରି ଏବେ ସୁଦ୍ଧା ଆଟିବାୟୋଟିକ ଉପରେ ଅତ୍ୟଧିକ ନିର୍ଭରଶୀଳ। ସାରା ବିଶ୍ୱର ୭୦% ଆଟିବାୟୋଟିକ ପଶୁ ପାଳନରେ ବ୍ୟବହୃତ ହୁଏ, ଯାହାର ୪୦% ଆଧିକ ପୋଲିଟ୍ରି ଶିଳ୍ପରୁ ଆସେ।

# ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ଯୁବ ସାହିତ୍ୟ ସମ୍ମାନ

**ଭୁବନେଶ୍ୱର,୩।୧୨ (ମହାଭାରତ):** ସମାଜରେ ଯଦି ଜନଜାତି ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରାଯାଏ ତେବେ ବର୍ତମାନ ସମାଜରେ ଉପୁଜୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ରବିବାର କହିଛନ୍ତି ବିଶିଷ୍ଟ ସାନ୍ତାଳୀ ଲେଖିକା ଶ୍ରୀମତି ଦମୟନ୍ତୀ ବେସ୍ରା। ଜନଜାତି ସଂସ୍କୃତିରେ ଯୌତୁକ ପ୍ରଥା ନାହିଁ ଏବଂ ମହିଳାଙ୍କୁ ଆଦିବାସୀ ସମାଜରେ ଅନେକ ସମ୍ମାନ ପ୍ରଦାନ କରାଯାଏ ବୋଲି ତୃତୀୟ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ନିଜ ବକ୍ତବ୍ୟରେ କହିଛନ୍ତି ପଦ୍ମଶ୍ରୀ ପୁରସ୍କାର ବିଜେତା ଶ୍ରୀମତି ବେସ୍ରା। ସମାରୋହର ଦ୍ୱିତୀୟ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଜରୁରୀ କାର୍ଯ୍ୟବଶତଃ ସେ ଯୋଗ ଦେଇ ପାରିନଥିଲେ। ମୁଖ୍ୟମନ୍ତ୍ରୀ ଏହି ସାହିତ୍ୟ ଉତ୍ସବର ଆୟୋଜନ କରିଥିବାରୁ ସୋଆ ବିଶ୍ୱବିଦ୍ୟାଳୟକୁ ଏକ ବାର୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ। ନିଜ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଏବଂ ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବାରେ ଭାଷାର ଯେତିକି ଭୂମିକା ରହିଛି, ଠିକ ସେମିତି ଭୂମିକା ରହିଛି ଲେଖକଙ୍କର। ଚଳିତ ବର୍ଷ ଆରମ୍ଭ କରାଯାଇଥିବା ସୋଆ ଯୁବ ସାହିତ୍ୟ ପୁରସ୍କାର ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆ ପୁଚି ନାରଙ୍ଗ' ନିମନ୍ତେ ପ୍ରଦାନ କରାଯାଇଥିଲା। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶ୍ରୀ ତ୍ରିପାଠୀଙ୍କୁ ଏକ ରୌପ୍ୟ ଫଳକ, ମାନପତ୍ର, ଉତରୀୟ ଏବଂ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ଓ ଅଧ୍ୟକ୍ଷକ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଏବଂ ସୋଆ ଛାତ୍ରମଙ୍ଗଳ ଡିନ୍ ଓ ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ।



# ୧୦ ବର୍ଷରେ ମହିଳାଙ୍କ ପ୍ରତି ଅପରାଧ ୨ଗୁଣ ବୃଦ୍ଧି

**ଭୁବନେଶ୍ୱର,୩।୧୨ (ମହାଭାରତ):** ଓଡିଶାରେ ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧର ସଂଖ୍ୟା ଗତ ୧୦ବର୍ଷ ମଧ୍ୟରେ ପ୍ରାୟ ୨ଗୁଣ ହୋଇଗଲାଣି। ଏଥିଯୋଗୁଁ ଆଇନ୍ ଅଦାଲତରେ ମାମଲାର ଚାପ ବୃଦ୍ଧି ପାଉଥିବାବେଳେ ମାମଲା ଫଏସଲା ଓ ଦଣ୍ଡବିଧାନ ହାର କିନ୍ତୁ ଢେର କମ୍ ରହୁଛି। ଅନ୍ୟପକ୍ଷରେ ନିର୍ଯାତିତା ମହିଳାମାନଙ୍କୁ ଆର୍ଥିକ ସହାୟତା ଦେବା ଲାଗି କେନ୍ଦ୍ର ସରକାର ଗଠନ କରିଥିବା ନିର୍ଭୟା ପାଣ୍ଠିରୁ ଓଡିଶାକୁ ବର୍ଷକୁ ଶତାଧିକ କୋଟି ଟଙ୍କା ମିଳୁଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରକାଶ କରୁଥିବା କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ ୨୦୧୬ ବର୍ଷ ଶେଷସୁଦ୍ଧା ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୮୨,୩୬୪ ଟି ବିଚାର ପ୍ରତୀକ୍ଷାରେ ଥିଲା। ତେବେ ଏହି ବର୍ଷରେ ମାତ୍ର ୬୩୦୪ଟି ମାମଲା ଫଏସଲା ହୋଇଥିବା ବେଳେ ସେଥିରୁ ୩୯୨ଟିରେ ଦଣ୍ଡବିଧାନ କରାଯାଇ ପାରିଥିଲା। କେନ୍ଦ୍ର ସରକାରଙ୍କ ଏହି ତଥ୍ୟ ମୁତାବକ ସେବର୍ଷ ମହିଳାମାନଙ୍କ ପ୍ରତି ଅପରାଧିକ ମାମଲାରେ ଓଡିଶାରେ ଦଣ୍ଡବିଧାନ ହାର ମାତ୍ର ୬.୨ ପ୍ରତିଶତ ଥିବାବେଳେ ଫଏସଲା ହାର ଥିଲା ୭.୭ ପ୍ରତିଶତ।

୨୦୨୫ ସେପ୍ଟେମ୍ବର ମାସରେ କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୩ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ଶେଷ ସୁଦ୍ଧା ୧,୭୭,୯୪୦ଟି ମହିଳାଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଉକ୍ତ ବର୍ଷରେ ଏଭଳି ମାମଲାରେ ଦଣ୍ଡବିଧାନ ହାର ଓଡିଶାରେ ୬.୯ ପ୍ରତିଶତ ଥିବାବେଳେ ଫଏସଲା ହାର ରହିଥିଲା ୫.୩ ପ୍ରତିଶତ।

ରାଜଧାନୀ ନୂଆଦିଲ୍ଲୀରେ ଘଟିଥିବା ନିର୍ଭୟା ଗଣବଳାତ୍କାର ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ କେନ୍ଦ୍ର ସରକାର ଅବସରପ୍ରାପ୍ତ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜେ ଏସ୍ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରି ମାତ୍ର ତିନିମାସ ସମୟ ଭିତରେ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଆଇନରେ କେତେକ ସଂଶୋଧନ ଅଣାଯିବା ସହ କେନ୍ଦ୍ର ସରକାର ନିର୍ଯାତିତା ମହିଳାଙ୍କୁ ଆର୍ଥିକ ସହାୟତା ଦେବାପାଇଁ ସ୍ୱତନ୍ତ୍ର ଭାବେ ନିର୍ଭୟା ପାଣ୍ଠି ଗଠନ କରିଥିଲେ। ସରକାରୀ ତଥ୍ୟ ମୁତାବକ ୨୦୨୪-୨୫ ବର୍ଷ ଶେଷ ସୁଦ୍ଧା ଓଡିଶା ନିର୍ଭୟା ପାଣ୍ଠିରୁ ପାଇଥିବା ଅର୍ଥରୁ ୧୪୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛି। ଏହି ପାଣ୍ଠିରୁ ଉତ୍ତରପ୍ରଦେଶ ସର୍ବାଧିକ ୭୦୦ କୋଟି ଟଙ୍କା ପାଇଥିବା ବେଳେ ତାହା ପଛକୁ ରହିଛି ଦିଲ୍ଲୀ।

ଆଇନ୍‌ରେ ସଂଶୋଧନ ସହିତ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଥିଲେ ମଧ ମହିଳାଙ୍କ ପ୍ରତି ଅତ୍ୟାଚାର ଥମୁନାହିଁ। ତେବେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀମାନେ କହୁଛନ୍ତି ଯେ ସଚେତନତା ବୃଦ୍ଧି ପାଉଥିବାରୁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଏ ସଂକ୍ରାନ୍ତୀୟ ଅଭିଯୋଗ ଥାନା ଓ ଅଦାଲତରେ ଦରଜ କରୁଛନ୍ତି। ନିର୍ଭୟା ପାଣ୍ଠିରୁ ମିଳୁଥିବା ଅର୍ଥ କେତେକ କ୍ଷେତ୍ରରେ ନିର୍ଯାତିତାମାନଙ୍କୁ ଥଇଥାନ କରିବା କ୍ଷେତ୍ରରେ ସାହାଯ୍ୟ କରୁଛି।

# ସାଇବର ଅପରାଧୀଙ୍କ କୌଶଳ

ବିମୁଦ୍ରିକରଣର ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା । ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ । କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା । ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି । ତାହା ହେଲା ସାଇବର କ୍ରାଇମ । ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି । ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି । ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି । ବମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ । ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ । ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା ।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା । ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ । ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ । କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ । ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ । ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ । ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା । କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା । ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ । ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ । ତାହା ତତ୍କାଳ ପ୍ରଦାନ କରିଦେଲେ । ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ । ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି । ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି । ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି । ଏହା କିଛି କମ କଥା ନୁହେଁ । ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ । ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲି । ମାତ୍ର ୬ ମାସରେ ଏହିସବୁ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଥିଲା । ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ । ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ । ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ । ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ । ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି ।

# ୱାର୍ଲଡ ଓଡିଶା ସୋସାଇଟିର ଜୟଯାତ୍ରା

*"ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡିଆ ଓସ୍ୱର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନର ପ୍ରକାଶନ ବିଭାଗ ସହ-ସମ୍ପାଦକ ଡ. ତନ୍ମୟ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ୨୦୨୩ ମସିହାରେ ଅଭାସି ଯୋଗେ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।*

**॥ ଡଃ ଅରୁନ୍ଧତୀ ଦେବୀ ॥**

ଭିଡ଼ ବିଶ୍ୱ ମହାମାରୀର କରାଳ ଛାୟା ସର୍ବତ୍ର ଆତଙ୍କ ଖେଳାଇଥିବାବେଳେ, ସେହି ଅନ୍ଧକାର ମଧ୍ୟରୁ ଆଲୋକର ସ୍ମିତ ହସ ଖେଳାଇ ଜନ୍ମ ନେଲା ୨୦୨୧ ମସିହା ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଲଗ୍ନରେ ୱାଲର୍ଡ଼ ଓଡ଼ିଶା ସୋସାଇଟି । ସମଗ୍ର ପୃଥିବୀରେ ଓଡିଶାର ମହାନ୍ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରମ୍ପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡିଆ ମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଏବଂ ବିକାଶର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଏହାର ଉଦ୍ଦେଶ୍ୟ ଅଟେ । ବିନ୍ଦୁରୁ ସିନ୍ଧୁର ପରିବ୍ୟାପ୍ତି ଏହାର ଲକ୍ଷ୍ୟ, ୨୦୩୨ ରେ ଏକଶତ ବର୍ଷର ଓଡିଶାକୁ ଏକ ଗୌରବାଜ୍ଜ୍ୱଳ ଅବସ୍ଥାରେ ଦେଖିବାର ପ୍ରୟାସ । ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧକ୍ଷ ଦାୟିତ୍ୱ ବହନ କଲେ । ଏହି ସମୟର ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲେ ମୁଖ୍ୟ ପୃଷ୍ଠପୋଷକ । ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରମା' ଡଃ ଅରୁନ୍ଧତୀ ଦେବୀ ।

୨୦୨୧ ଫେବୃୟାରୀ ପନ୍ଦର ତାରିଖରେ ଏହାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା । ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାୟର କଲେ । ଦୁଇହଜାର ଏକୋଇଶ ଜୁନ୍ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଣ୍ଟଫାଉଣ୍ଡେସନ ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଋପ ପରିଋଳନା ନିମନ୍ତେ ଝରବକ୍ସମଷସଭଶ ଲକ୍ଟକ୍ସ ଝକ୍ଟକ୍ଷବମର ନାମରେ ଏକ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହେଲା । ଜୁନ୍ କୋଡିଏ ଦୁଇ ହଜାର ଏକୋଇଶରେ ଏହି ସଂଗଠନ ଉଦୀୟମାନ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କର କୋଭିଡ୍ ଜନିତ ବିୟୋଗରେ ଅନ୍‌ଲାଇନ୍‌ରେ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା । ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡିଆ ମାନଙ୍କୁ ନେଇ "ଠବକ୍ଷସେବଭଶ୍ୱ ଚବସଳବ'ଶ୍ୱ ଠରକ୍ସଶ୍ୱକ୍ଟଭ କ୍ଟଳ ଠବକ୍ଷକ୍ଟଙ୍କକ୍ସ" ନାମକରଣରେ ଏକ ଆଭାସି ସଭା ସଫଳତାର ସହିତ ହୋଇ ପାରିଥିଲା । ଏହାର ଉଦ୍‌ଘାଟକ ଓଡିଶାର ମାନ୍ୟବର ବାଚସ୍ପତି ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର କେନ୍ଦ୍ରମନ୍ତ୍ରୀ - ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁନିଲ ଶାସ୍ତ୍ରୀ, ମାନ୍ୟବର ସାଂସଦ କେନିଆ – ଡଃ ସ୍ୱରୂପ ରଂଜନ ମିଶ୍ର, ଓଡିଶାର କ୍ରୀଡା, ଯୁବବ୍ୟାପାର ଓ ଆଇ.ଟି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ହରିଜନ ସେବକ ସଂଘ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଅଧକ୍ଷ ପ୍ର. ଡଃ ଶଙ୍କର କୁମାର ସାନ୍ୟାଲ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅଶୋକ କୁମାର ମହାପାତ୍ର, ଇନ୍‌କମ୍‌ଟ୍ୟାକ୍ସ ମୁଖ୍ୟ କମିଶନର ଶ୍ରୀ ମନୋରଂଜନ ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ ରାଉତ ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗ ଦେଇଥିଲେ ।

ଦୁଇହଜାର ଏକୋଇଶ ସେପ୍ଟେମ୍ବର ଦଶ ତାରିଖରେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ୱାର୍ଲଡ ଓଡିଶା ସୋସାଇଟି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହେଲା । ଏହାର ୱେବ୍‌ସାଇଟ୍ ମଧ ମହାମହିମ ଉନ୍ମୋଚନ କଲେ । ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ର.ଡଃ. ଶ୍ରୀ ଗଣେଶି ଲାଲ୍ ଏକ ଶୁଭବାର୍ତ୍ତାରେ ଏହି ମହାନ ଅନୁଷ୍ଠାନ ପ୍ରବାସୀ ଓଡିଆ ମାନଙ୍କ ନିରାପତ୍ତା, ଉନ୍ନତିକୁ ଅଗ୍ରାଧିକାର ଦେବ ବୋଲି ଆଶାବ୍ୟକ୍ତ କଲେ । ଗୋଟିଏ ଛତା ତଳେ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆ ମାନଙ୍କୁ ଏକାଠି କରିବାର ଏହି ଉଦ୍ୟମକୁ ଶ୍ରୀଯୁକ୍ତ ପାତ୍ର ଉଚ୍ଚପ୍ରଶଂସା କଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଡଃ ସମ୍ବିତ ପାତ୍ର, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ରାଜକୁମାର, ଓଡିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଜନ ସମ୍ରାଟ ଶ୍ରୀ ଅନୂପ ଜଲୋଟା ସାଂସ୍କୃତିକ କାର୍ନିଭାଲ୍‌କୁ ଉଦ୍‌ଘାଟନ କରିଥିଲେ । ୨୦୨୧ ସେପ୍ଟେମ୍ବର ଉଣେଇଶ ତାରିଖ ମଧ୍ୟରାତ୍ରିରେ ଏହି ବିଶ୍ୱ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା - ବିଶିଷ୍ଟ ନାରିନେତ୍ରୀ, ସମାଜର ପୂର୍ବତନ ସଂପାଦିକା, ସୁସାହିତ୍ୟିକା, ବାଗ୍ମୀ, ଡ. ମନୋରମା ମହାପାତ୍ରଙ୍କ ପାଇଁ । ଅକ୍ଟୋବର ଏକ ତାରିଖ ଦୁଇହଜାର ଏକୋଇଶରେ ଏକ ଆନ୍ତର୍ଜାତିକ ୱେବିନାର କରାଗଲା – ଗାନ୍ଧିଜୀଙ୍କର ଓଡିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ "ଗାନ୍ଧୀ ଚର୍ଚ୍ଚା" ଶିରୋନାମାରେ, ଓଡିଶା ସରକାରଙ୍କ ଓଡିଶା ସାହିତ୍ୟ ଏକାଡେମୀର ସହଭାଗିତାରେ । ଏହାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ସାହିତ୍ୟ ଏକାଡେମୀ ସଭାପତି ଡଃ ହୃଷିକେଶ ମଲ୍ଲିକ, ଉପସଭାପତି ଡଃ ସଂଗ୍ରାମ ଜେନା, ସମ୍ପାଦକ ଶ୍ରୀ ପ୍ରବୋଧ ରାଉତ, ସମ୍ପାଦକ - ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଡଃ ସୁରେଶ ଚନ୍ଦ୍ର ଦଳାଇ, ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ପ୍ର.ଡଃ ଶଙ୍କର କୁମାର ସାନ୍ୟାଲ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ଅକ୍ଟୋବର ମାସ ଅଣତିରିଶ ତାରିଖ ୨୦୨୧ ରେ ଓସ୍ ଜାତୀୟ ପୁରସ୍କାର ବିଜେତା – ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କଲା । ଛଅ ନଭେମ୍ବର ୨୦୨୧ ରେ ଓସ୍ ଏହାର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କଲା । ଆଲୋକ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା । ମୁଖ୍ୟ କାର୍ଯ୍ୟାଳୟକୁ ଓଡିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗଣେଶିଲାଲ୍ ଉଦ୍‌ଘାଟନ କରି ଅନୁଷ୍ଠାନର ବୃହତ୍ତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ । ଏଥିରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୨୭ ନଭେମ୍ବର ୨୦୨୧ ରେ 'ଅଙ୍ଗଦାନ' ଶୀର୍ଷକ ଆଭାସୀ ସଭା ଇଣ୍ଡିଆନ୍ ଲିଭର ପେସେଣ୍ଟ ପାଉଣ୍ଡେସନ ସହଭାଗିତାରେ ଆୟୋଜନ କରାଯାଇଥିଲା । ଏଥିରେ ବହୁ ବିଖ୍ୟାତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶାରଦ ମାନେ ଯୋଗ ଦେଇଥିଲେ । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଶ୍ରୀ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପି.କେ. ହୋତା, ଇଂ. ପ୍ରଭାସ ଆର୍ଯ୍ୟ, ଡଃ ବ୍ରଜକିଶୋର ଦାସ ପ୍ରଭୃତି ଯୋଗ ଦେଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ନୈନା ଦାସ ବ୍ରାଣ୍ଡ ଆମ୍ବାସଡର ଥିଲେ । ପ୍ରଥମ ପ୍ରତିଷ୍ଠା ଦିବସ ଜାନୁୟାରୀ ଚଉଦ ୨୦୨୨ରେ କରୋନା ବିଶ୍ୱ ମହାମାରୀର ପ୍ରକୋପ ଯୋଗୁଁ ସାଧାରଣ ଭାବେ ପାଳନ କରାଯାଇଥିଲା । ପୁରୀ ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବଡ ଦେଉଳ, ଦିଲ୍ଲୀ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଦେଶରେ ଥିବା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡ଼ିଆ ଓସ୍ୱର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନର ପ୍ରକାଶନ ବିଭାଗ ସହ-ସମ୍ପାଦକ ଡ. ତନ୍ମୟ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ୨୦୨୩ ମସିହାରେ ଅଭାସି ଯୋଗେ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୋଭନୀୟ ଆନ୍ଦୋଳନ ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ୨୦୨୩ ମାର୍ଚ୍ଚ ମାସରେ ଶକ୍ତି ଉତ୍ସବ ପାଳିତ ହୋଇଥିଲା । ବିଖ୍ୟାତ ଓଡ଼ିଆ ସଂଗୀତ ଗାୟକ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ ୮୫ତମ ଜୟନ୍ତୀ ଆଭାସି ମାଧ୍ୟମରେ ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ମାନଙ୍କୁ ନେଇ ପାଳନ କରାଯାଇଥିଲା । ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆଦର୍ଶ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବାଚସ୍ପତି ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମୁଖ୍ୟ ପୃଷ୍ଠପୋଷକ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଆଭାସି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ସଭା ଆୟୋଜନ କରାଯାଇ ୱାର୍ଲର୍ଡ଼ ଓଡ଼ିଶା ସୋସାଇଟିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଉଭୟ ମାଧ୍ୟମରେ କରାଯାଇଥିଲା । ଉକ୍ତ ବିଶ୍ୱସ୍ତରୀୟ ଅନୁଷ୍ଠାନ ପୃଥିବୀର ୨୦ଟି ଦେଶରେ ଥିବା ଓଡ଼ିଆଙ୍କୁ ନେଇ ଆରମ୍ଭ ହୋଇଥିଲା । ଏବେ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଓ ଓଡ଼ିଶା ପ୍ରେମୀ ଏଥିରେ ୭୨ଟି ଦେଶରୁ ସଭ୍ୟ ଭାବେ ଯୋଗ ଦେଇଛନ୍ତି । ଏହି ମହତ ସଂଗଠନ ତାହାର ଜୟଯାତ୍ରାରେ ଆଗେଇ ଚାଲିଛି । ଓଡିଶାକୁ ଓ ଓଡିଶାର ସମସ୍ତ ବିଶେଷତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବାକୁ ଏହି ସଂଗଠନ ଦ୍ରୁତ କାର୍ଯ୍ୟ ଆରମ୍ଭ କରିଛି । ସମସ୍ତଙ୍କର ଆନ୍ତରିକ ଶୁଭକାମନା ଏହି ଅପୂର୍ବ ଅନନ୍ୟ ମଙ୍ଗଳମୟ ଉଦ୍ଦେଶ୍ୟକୁ ନିଶ୍ଚୟ ସଫଳ କରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ଜୟ ଜଗନ୍ନାଥ ।

# ଓଡ଼ିଶାମୁହାଁ ମହାବଳ

**॥ ଅଲେଖ ଚନ୍ଦ୍ର ସାମଲ ॥**

ଡ଼ିଶା କେବଳ ମନ୍ଦିରମାଳିନୀ ନୁହେଁ ଏହାର ପ୍ରାକୃତି ବିବିଧଭରା ଜୈବ ବିବିଧତା ଓ ଜଙ୍ଗଲ ସମ୍ପଦ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ପର୍ଯ୍ୟଟକଙ୍କୁ ଓଡ଼ିଶା ମୁହାଁ କରିଥାଏ । ତେବେ କିଛି ଦିନ ହେଲା ଓଡ଼ିଶା ଜଙ୍ଗଲରେ ମହାବଳ ବାଘଙ୍କ ଆର୍ବିଭାବ ଓ ସେମାନଙ୍କର ଗତାଗତକୁ ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ରାଜ୍ୟର ତିନୋଟି ବନାଞ୍ଚଳରେ ମହାବଳ ବାଘଙ୍କ ଆବିର୍ଭାବ ବନ ବିଭାଗକୁ ଉତ୍ସାହିତ କରିଛି । ଗତ କିଛି ବର୍ଷ ମଧ୍ୟରେ ମହାବଳ ବାଘଙ୍କ ସଂଖ୍ୟା ହ୍ରାସ ନେଇ ବନ ବିଭାଗ ବହୁ ସମାଲୋଚନା ସହିଥିବା ବେଳେ ଏବେ କେନ୍ଦୁଝର, ଡେବ୍ରିଗଡ଼ ଓ ଗଜପତି ଜିଲ୍ଲାର ରାୟଗଡ଼ ଜଙ୍ଗଲ ଏହି ଘାଆରେ ମଲମ ଲଗାଇଛି । ଏହି ତିନଟି ବନାଞ୍ଚଳରେ ନିୟମତ ଭାବେ ମହାବଳ ବାଘ ଦେଖାଦେଉଛନ୍ତି । ଡେବ୍ରିଗଡ଼ ଓ କେନ୍ଦୁଝରରେ ବାଘ ପାଖାପାଖି ବର୍ଷେ ହେବ ରହି ଆସୁଥିବା ବେଳେ ଆନ୍ଧ୍ରପ୍ରଦେଶ ସୀମା ଡେଇଁ ଗୋଟିଏ ବାଘ ଗଜପତି ଜଙ୍ଗଲରେ ପଇଁତରା ମାରୁଛି । ସମ୍ଭବତଃ ଏହି ବାଘ ନିଜ ପାଇଁ ଏକ ସୁରକ୍ଷିତ ବାସସ୍ଥାନ ଖୋଜୁଛି ବୋଲି ପ୍ରାଣୀବିଶେଷଜ୍ଞମାନେ କହିଛନ୍ତି । ତେଣୁ ଓଡ଼ିଶା ଜଙ୍ଗଲରେ ଏହି ବାଘକୁ ସୁରକ୍ଷା ଦେଇ ଏଠାରେ ଏହି ବାଘର ସ୍ଥାୟୀ ଠିକଣା କରିବା ପାଇଁ ବନ ବିଭାଗ ପ୍ରୟାସ କରୁଛି । ସେହିପରି ଡେବ୍ରିଗଡ଼ରେ ରହିଥିବା ବାଘଟି ପଡ଼ୋଶୀ ଛତିଶଗଡ଼ରୁ ଆସିଛି ।

ଶିମିଳିପାଳରେ ମଧ ବାଘ ସଂଖ୍ୟା ବୃଦ୍ଧି ହେବା ସହ ଏଠାରୁ ବାଘ କେନ୍ଦୁଝର ସହ ଅନ୍ୟତ୍ର ଯା'ଆସ କରୁଥିବା ଜଣାପଡୁଛି । ସେହିପରି ସୁନାବେଡ଼ା ଜଙ୍ଗଲରେ ମଧ ବାଘଙ୍କର ଗତିବିଧି ଭଲ ରହିଛି । ୨୦୨୧-୨୨ ମସିହାରେ ରାଜ୍ୟରେ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ପକ୍ଷରୁ ବାଘ ଗଣନା କରାଯାଇ ରାଜ୍ୟରେ ୨୦ଟି ବାଘ ଥିବା କୁହାଯାଇଥିଲା । ହେଲେ ରାଜ୍ୟରେ ଏହାଠାରୁ ଅଧିକ ବାଘ ଅଛନ୍ତି ବୋଲି ରାଜ୍ୟ ସରକାର ଆଶା କରୁଛନ୍ତି । ରାଜ୍ୟ ସରକାର ବର୍ତ୍ତମାନ ନିଜସ୍ୱ ବାଘ ସଂଖ୍ୟା ଜାଣିବା ପାଇଁ ଗଣନା ଜାରି ରଖିଛନ୍ତି । ଗଣନାପରେ ଆସନ୍ତା ୨୦୨୪ ଜାନୁଆରୀରେ ରାଜ୍ୟରେ ବାଘ ସଂଖ୍ୟା ତଥ୍ୟ ପ୍ରକାଶ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଅପରପକ୍ଷେ ୨୦୧୮ରେ ଶିମିଳିପାଳରେ ୮ଟି ବାଘ ଥିବାବେଳେ ବର୍ତ୍ତମାନ ତାହା ୧୬କୁ ବୃଦ୍ଧି ପାଇଥିବା ଏନଟିସିଏ ପକ୍ଷରୁ କୁହାଯାଇଛି । ମାତ୍ର ୨୦୧୮ରେ ରାଜ୍ୟରେ ୨୮ଟି ବାଘ ଥିବାବେଳେ ଏ ବର୍ଷ ତାହା ୨୦କୁ ଖସି ଆସିଥିବା ଏହି ସଂସ୍ଥା ନିଜର ରିପୋର୍ଟରେ ପ୍ରକାଶ କରିଛି । ରାଜ୍ୟର ବିଭିନ୍ନ ଜଙ୍ଗଲରେ ବାଘ ଦେଖାଯିବା ସମ୍ପର୍କରେ ଜନୈକ ବନ୍ୟପ୍ରାଣୀ ଗବେଷକ କହିଛନ୍ତି ଯେ ଅଧିକ ବାଘ ଦେଖାଯିବା ଏକ ଭଲ ଖବର । ତେବେ ଏହି ବାଘ ଗୁଡ଼ିକ ଅନ୍ୟ କେଉଁଆଡୁ ଆସିନାହାଁନ୍ତି, ବରଂ ସେମାନେ ଓଡ଼ିଶା ଜଙ୍ଗଲରେ ହିଁ ରହୁଥିଲେ । ଏନଟିସିଏ ପକ୍ଷରୁ ଯେଉଁ ବାଘ ଗଣନା କରାଯାଉଛି, ସେଥିରେ ଅତ୍ୟଧିକ ମେସିନ ଉପରେ ଭରସା କରାଯାଉଛି । ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନା ଜାରି ରହିଛି । ଏଥିରେ ଅଧିକ ସଂଖ୍ୟକ ବନ କର୍ମଚାରୀ ସାମିଲ ହୋଇଛନ୍ତି ଓ ଜଙ୍ଗଲକୁ ଯାଉଛନ୍ତି । ଯାହାଦ୍ୱାରା ଅଧିକ ବାଘଙ୍କ ଗତିବିଧି ନଜରକୁ ଆସୁଛି ।

ଅନ୍ୟପଟେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଦେଖାଦେଉଥିବା ମହାବଳଙ୍କ ସୁରକ୍ଷା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତୀତରେ ରାଜ୍ୟର ଏକାଧିକ ଜଙ୍ଗଲରେ ମହାବଳ ବାଘ ରହୁଥିଲେ । ହେଲେ ଶିକାରୀଙ୍କ ପ୍ରାଦୁର୍ଭାବ ବାଘଙ୍କ ସଂଖ୍ୟାକୁ ଦ୍ରୁତ ଗତିରେ ହ୍ରାସ କରାଇଥିଲା । ତେଣୁ ଏବେ ବନ ବିଭାଗ କିପରି ରଣନୀତି କରିବ ଓ ବାଘକୁ ସୁରକ୍ଷା ଦେବ, ତାହା ଏକ ବଡ଼ ଆହ୍ୱାନ ହୋଇଛି । ରାଜ୍ୟର ପିସିସିଏଫ କହିଛନ୍ତି ଯେ ଗୋଟିଏ ଜଙ୍ଗଲରେ ଗୋଟିଏ ଅଣ୍ଡିରା ବାଘ ପ୍ରାପ୍ତ ବୟସ୍କ ହେବା ପରେ ସେ ସେହି ଅଞ୍ଚଳରୁ ବାହାରି ନିଜ ପାଇଁ ଏକ ନୂଆ ସ୍ଥାନ ସୃଷ୍ଟି କରିଥାନ୍ତି । ଏହି ଧାରାରେ ଶିମିଳିପାଳରୁ ଗୋଟିଏ ବାଘ ଆସି କେନ୍ଦୁଝରରେ ରହୁଛି । ସମାନ ଭାବେ ଛତିଶଗଡ଼ରୁ ଗୋଟିଏ ବାଘ ଆସି ସମ୍ବଲପୁରରେ ରହିଛି । ଗଜପତିରେ ମଧ ଗୋଟିଏ ବାଘ ଆସିଛି । ସବୁ ବାଘଙ୍କ ସୁରକ୍ଷା ଉପରେ ବନ ବିଭାଗ ଗୁରୁତ୍ୱ ଦେଉଥିବା ଶ୍ରୀ ନନ୍ଦ କହିଛନ୍ତି । ଅନ୍ୟପଟେ ସୁନାବେଡ଼ା ଜଙ୍ଗଲରେ ବ୍ୟାଘ୍ର ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ମିଳିସାରିଛି । କେବଳ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି କରିବା ପରେ ଏଠାରେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଯିବ । ସମାନ ଭାବେ ଡେବ୍ରିଗଡ଼ରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ପାଇଁ ଯୋଜନା ରହିଛି । ତେଣୁ ଏନଟିସିଏର ଅନୁମତିକୁ ଅପେକ୍ଷା ରହିଛି । ଏହି ଦୁଇ ବ୍ୟାଘ୍ର ପ୍ରକଳ୍ପ ପାଇଁ ଏକ ବଡ଼ ସୁଫଳ ଆଣିବ ବୋଲି ଆଶା କରାଯାଉଛି ।

ଏନଟିସିଏର ରିପୋର୍ଟ ଅନୁସାରେ ୨୦୦୬ରେ ରାଜ୍ୟରେ ୪୫ଟି ବାଘ ଥିଲାବେଳେ ୨୦୧୦ରେ ଏହି ସଂଖ୍ୟା ୩୨କୁ ଖସିଥିଲା । ୨୦୧୪ ଓ ୨୦୧୮ରେ ଏହି ସଂଖ୍ୟା ୨୮କୁ ହ୍ରାସ ପାଇଥିଲା । ସେହିପରି ରାଜ୍ୟ ସରକାର ଏହି ଗଣନା ପ୍ରକ୍ରିୟାକୁ ଗ୍ରହଣ ନକରି ନିଜସ୍ୱ ଭାବେ ବାଘ ଗଣନା କରିଥିଲେ । ଏଥିରେ ୨୦୦୪ରେ ରାଜ୍ୟରେ ୧୯୨ଟି ବାଘ ଥିବାବେଳେ ୨୦୧୬ରେ ଏହି ସଂଖ୍ୟା ୪୦କୁ ଖସି ଆସିଥିଲା । ଏହା ପରଠାରୁ ରାଜ୍ୟ ସରକାର ନିଜସ୍ୱ ଭାବେ ବାଘ ଗଣନା କରି ନଥିବା ବେଳେ ୭ ବର୍ଷ ପରେ ପୁଣିଥରେ ବାଘ ଗଣନା ପ୍ରକ୍ରିୟା ଜାରି ରଖିଛନ୍ତି । ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗର ମନ୍ତ୍ରୀ ରାଜ୍ୟରେ ବାଘ ବଂଶର ବୃଦ୍ଧି ନିମିତ୍ତ ଅନେକ ଯୋଜନା ହାତକୁ ନେଉଛନ୍ତି । ଓଡ଼ିଶା ସରକାର ଯେଉଁପରି ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପଦକୁ ଭଲ ପାଉଛନ୍ତି ତାହା ଅନ୍ୟ ରାଜ୍ୟପାଇଁ ପ୍ରେରଣା ଓ ଆଦର୍ଶ ସୃଷ୍ଟି କରିଛି । ଓଡ଼ିଶାରେ ଜଙ୍ଗଲ ସମ୍ପଦ ବଢ଼ି ଚାଲିଛି । ତେବେ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଗୁରୁଦାୟିତ୍ୱ ରହିଛି । ଗଛ ଲଗାଇବା, ବନ୍ୟପ୍ରାଣୀଙ୍କୁ ଭଲ ପାଇବା, ଜଙ୍ଗଲ ପୋଡ଼ି କରିବା ନାହିଁ ଏବଂ ଆବଶ୍ୟକସ୍ଥଳେ ଜଙ୍ଗଲ ବିଭାଗକୁ ସମସ୍ତ ପ୍ରକାର ସହାୟତା କରିବା । ଏହି ଦାୟିତ୍ୱବୋଧକୁ ନିର୍ବାହ କଲେ ଆମେ ନିଜେ ଜଣେ ଜଣେ ବନ୍ୟପ୍ରାଣୀ ଓ ଜଙ୍ଗଲର ସୁରକ୍ଷାଦାତା ହୋଇପାରିବା ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨

# ବିକଶିତ ଶ୍ରୀକ୍ଷେତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜେ ସବ୍ୟେ ବେଣୁଂ ଶିରିସି ଶିଖିପିଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍‌ବୃନ୍ଦା ବନବସତି ଲୀଳାପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।।'

କଳା ଓ ସ୍ଥାପତ୍ୟ ସହ ଧର୍ମ ଓ ଆଧାତ୍ମିକତାର ପୁଣ୍ୟଭୂମି ପୁରୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ଭୂମି ଶ୍ରୀକ୍ଷେତ୍ର ପୁରୀ କହେ ସର୍ବଧର୍ମ ସମନ୍ୱୟର କଥା । ମହାପ୍ରସାଦ ଏଠି ଭକ୍ତର ମନ ମୋହେ । ଏହି ଧାମରେ ଭୂମି ଓ ଭୂମା ଏକାଠି ହୋଇଥାଆନ୍ତି, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଆନ୍ତି । ବଡ଼ ଠାକୁରଙ୍କ କରୁଣା ଟିକକ ପାଇଁ ଧାଇଁ ଆସେ ଭକ୍ତ । ଭଗବାନଙ୍କ ସ୍ୱରୂପରେ ଭକ୍ତ ଓ ଭକ୍ତର ସ୍ନେହରେ ଭଗବାନ ବାନ୍ଧି ହୋଇ ଯାଆନ୍ତି । ଭକ୍ତ ଭଗବାନଙ୍କୁ ଯେମିତି ଦେଖିବାକୁ ଚାହେଁ, ଭଗବାନ ସେମିତି ରୂପରେ ଦେଖା ଦିଅନ୍ତି ।



ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତିର ସୀମା ସରହଦ ଡେଇଁ ବିଶ୍ୱ ଚେତନାରେ ରୂପାନ୍ତରିତ ହୋଇଛି ଶ୍ରୀଜଗନ୍ନାଥ ଚେତନା । ଓଡ଼ିଆଙ୍କ ଶ୍ରଦ୍ଧା, ସ୍ନେହ ଓ ଆଦରର କାଳିଆ ଠାକୁର ବିଶ୍ୱ ଦେବତାରେ ପରିଣତ ହୋଇଛନ୍ତି । ଓଡ଼ିଶା ବାହାରେ ଦେଶର ଅନ୍ୟାନ୍ୟ ରାଜ୍ୟ, ଭାରତ ବାହାରେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ଆୟୋଜନ ଏହାକୁ ପ୍ରମାଣିତ କରିଛି । ବିଶ୍ୱ ଭ୍ରାତୃତ୍ୱ ଓ ସର୍ବଧର୍ମ ସମନ୍ୱୟର କାଳିଆ ଠାକୁର ବାହୁ ପ୍ରସାରୀ ସମସ୍ତଙ୍କୁ ଆପଣାର କରିନେଇଛି । ଜଗନ୍ନାଥ ଆଉ କେବଳ ଓଡ଼ିଆ ବା ହିନ୍ଦୁଙ୍କର ନୁହନ୍ତି, ସମଗ୍ର ଜଗତର ନାଥ, ବିଶ୍ୱଜନଙ୍କ ଠାକୁର, ବିଶ୍ୱନିୟନ୍ତା । ସେ ସତ୍ୟ, ଶାଶ୍ୱତ, ପୁରୁଷୋତ୍ତମ । ସବୁ ଚେତନାର ଶେଷ ଯେଉଁଠି, ସେଇଠି ଜଗନ୍ନାଥ ଚେତନାର ଅୟମାରମ୍ଭ । ଏବେ ତାଙ୍କ କ୍ଷେତ୍ରରେ ଚାଲିଛି ନବକଳେବର ପର୍ବ । ରୂପାନ୍ତରଣ ସ୍ପର୍ଶରେ ଶ୍ରୀକ୍ଷେତ୍ର ଏବେ ଅପରୂପ ଶୋଭାରେ ଶୋଭା ପାଉଛି । ଆସନ୍ତା ୧୭ ତାରିଖରେ ପରିକ୍ରମାର ଲୋକାର୍ପଣ ହେବାକୁ ଯାଉଛି । ସମଗ୍ର ବିଶ୍ୱ ଦେଖିବ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିଶ୍ୱସ୍ତରୀୟ ରୂପାନ୍ତର । ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ କୃପା କରୁଣା ଓ ଆଶୀର୍ବାଦରୁ ପୂର୍ଣ୍ଣରୂପ ନେବାକୁ ଯାଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୩୨ଶହ କୋଟି ଟଙ୍କାର ସ୍ୱପ୍ନର ପ୍ରକଳ୍ପ । ଇତିହାସର ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପ । ଯେଉଁଥିରେ ଆମ ପ୍ରାଚୀନ କଳାବିମଣ୍ଡିତ କଳିଙ୍ଗର ନିଖୁଣ କଳା ଓ ସ୍ଥାପତ୍ୟରେ ଝଲସୁଛି ସମ୍ପୂର୍ଣ୍ଣ ପରିପାଟୀ । ଆଖିଝଲସା ରାସ୍ତାଘାଟ, ଶ୍ରୀସେତୁ, ଶ୍ରୀଦାଣ୍ଡ ଯେଉଁଭଳି ଅବିଶ୍ୱସନୀୟ ଭାବେ ବିଶ୍ୱସ୍ତରୀୟ ହୋଇଛି ତାହା ସବୁ ସେହି ମହାପ୍ରଭୁଙ୍କ କୃପା ଇଛାର ଫଳ । ମହାପ୍ରଭୁ ବିଶ୍ୱ ଦେବତା କୌଣସି ଜାତି, ଧର୍ମ ଗୋଷ୍ଠୀର ନୁହଁନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିବେଦନରେ ପୁରୀବାସୀ ଓ ପୁରୁଣା ମଠ ମନ୍ଦିରର ମହନ୍ତମାନେ ସ୍ୱଇଚ୍ଛାରେ ଜାଗା ଦାନ କରିଥିଲେ । ମହାପ୍ରଭୁଙ୍କ କୃପା କଟାକ୍ଷ ଦ୍ୱାରା ଏସବୁ ସମ୍ଭବ ହୋଇପାରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ, ସମସ୍ତଙ୍କୁ ଓ ସମସ୍ତଙ୍କ ପରିବାରକୁ ଓ ଏ ଓଡ଼ିଆ ଜାତିକୁ ତାଙ୍କ ଅଭୟ ଚକ୍ରରେ ସୁରକ୍ଷିତ ରଖି ଆମ ସମସ୍ତଙ୍କୁ ଅଭୟ ଆଶିଷ ସେହିପରି ପ୍ରଦାନ କରୁଥାନ୍ତୁ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮ , ସିଡିଏ, କଟକ,



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ମୂଲ୍ୟାଙ୍କନରେ ତ୍ରୁଟି ଅଭିଯୋଗ କରିଲେ ମହିଳା ମହାବିଦ୍ୟାଳୟର ଛାତ୍ରୀ

ଯୋଡ଼ା , (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ମହିଳା ମହାବିଦ୍ୟାଳୟ ର ନୂତନ ଶିକ୍ଷାନୀତି ଅନ୍ତର୍ଗତ ରାଜନୀତି ବିଜ୍ଞାନ ର ( ସମ୍ମାନ) ର ପ୍ରଥମ ସେମିଷ୍ଟାର ଦ୍ୱିତୀୟ ପେପର ଓ ଅନୁରୂପ ଭାବେ ଓଡ଼ିଆ ପେପର ରେ ନୈରାଶ୍ୟ ଜନକ ଭାବେ ଫଳାଫଳ ଓ ବିଶ୍ୱବିଦ୍ୟାଳୟ ର ମୂଲ୍ୟାଙ୍କନ ତ୍ରୁଟି କୁ ନେଇ ବୁଧବାର ରାଜରାସ୍ତାକୁ ଓହ୍ଲାଇ ଥିଲେ ଛାତ୍ରୀ । ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ ଚଳିତ ବର୍ଷ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଛି ।ରାଜନୀତି ବିଜ୍ଞାନ ଓ ଓଡ଼ିଆ ପେପର ରେ ମୂଲ୍ୟାଙ୍କନ ତ୍ରୁଟି ଯୋଗୁଁ ୪୧ ଜଣ ଙ୍କ ମଧ୍ୟରୁ ୩୮ ଜଣ ଛାତ୍ରୀ ଶୁନ ରୁ ୫ ନମ୍ବର ରଖିଛନ୍ତି,ଯାହାକୁ ନେଇ ଛାତ୍ରୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇ ଥିଲା । ଏ ନେଇ ଛାତ୍ରୀ ମାନେ ଅଭିଯୋଗ କରି ଛନ୍ତି ଯେ,ମୂଲ୍ୟାଙ୍କନ ର ଯାଞ୍ଚ ଓ ରି ଆଡିସନ୍ କରିବା ପାଇଁ ଯୋଡା ମହିଳା ମହାବିଦ୍ୟାଳୟ ର ଅଧକ୍ଷ ଙ୍କୁ ଜଣାଇଥିଲେ ।ମାତ୍ର ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଛାତ୍ରୀ ମାନେ ବୁଧବାର ରାଜରାସ୍ତାକୁ ଓହ୍ଲାଇଥିଲେ ।ଶତାଧିକ ଛାତ୍ରୀ ମହାବିଦ୍ୟାଳୟ ର ଫାଟକ ସମ୍ମୁଖରେ ଏହାର ପ୍ରତିବାଦ କରିଥିଲେ ।ଖବର ପାଇ ଯୋଡା ଆଇଆଇସି ପ୍ରଶାନ୍ତ କୁମାର ସାମଲ ପହଂଚି ଛାତ୍ରୀ ମାନଙ୍କୁ ବୁଝା ସୁଝା କରି ଥିଲେ ।ପରେ ଚମ୍ପୁଆ ସବ୍ କଲେକ୍ଟର ଫୋନ୍ ମାଧମରେ ଛାତ୍ରୀ ମାନଙ୍କୁ ଏହାର ସମାଧାନ ର ପ୍ରତିଶୃତି ଦେବା ପରେ ଛାତ୍ରୀ ମାନେ ପ୍ରତିବାଦ ରୁ ଓହରି ଥିଲେ । ତେଣେ କଲେଜ ।ଅଧକ୍ଷ ବିଜୟ କୁମାର ନାୟକ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ, ରି ଆଡିସନ୍ ପାଇଁ ୟୁନିଭର୍ସି ଟି କନ୍ଟ୍ରୋଲର କୁ ଅବଗତ କରାଇଛନ୍ତି ।

## ମାଲିକଙ୍କ ପରିବହନ ଭଡ଼ାକୁ ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କଲେ ଟ୍ରକ୍ ମାଲିକ ସଂଘ

ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଓ ଝୁମ୍ପୁରା ବ୍ଲକ୍ ରେ ପରିବହନ କରୁଥିବା ଟ୍ରକ୍ ମାଲିକ ଙ୍କ ପରିବହନ ଭଡ଼ା କୁ ବସନ୍ତ ପୁର ନଇବୁଗା ଅଞ୍ଚଳ ର ଏକ ପରିବହନ ସଂସ୍ଥା ହଡ଼ପ କରୁଥିବା ନେଇ ଟ୍ରକ୍ ମାଲିକ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ।ଟ୍ରକ୍ ମାଲିକ ଙ୍କ ଅଭିଯୋଗ ଅନୁଯାୟୀ,ଋଣ ଗ୍ରସ୍ତ ହୋଇ ଟ୍ରକ୍ ଚଳାଉଥିବା ଟ୍ରକ ମାଲିକ ଙ୍କ ପରିବହନ ଭଡ଼ା କମ୍ ମିଳୁଥିବା ବେଳେ ବର୍ତ୍ତମାନ ଯେଉଁ ଭଡ଼ା ମିଳୁ ଅଛି ସେଥିରୁ ବି କିଛି ଟଙ୍କା କାଟି ଦିଆ ଯାଉଛି ।ଏକ ପରିବହନ ସଂସ୍ଥା ପ୍ରତି ଟନ୍ ପିଛା କୋଡ଼ିଏ ରୁ ୫୦ ଟଙ୍କା ହଡ଼ପ କରି ନେଉଥିବା ଟ୍ରକ୍ ମାଲିକ ମାନେ ଅଭିଯୋଗ କରିଛନ୍ତି ।ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ,ସଂପୃକ୍ତ ପରିବହନ ସଂସ୍ଥା ନିଜର ପରିବହନ ବେଳେ ଧୂଳି ଧୂଆଁ ଉଡ଼ି ଅଞ୍ଚଳ ପ୍ରଦୂଷିତ ହେଉଥିଲେ ହେଁ ରାସ୍ତାରେ ପାଣି ପକାଉ ନାହିଁ ।ପରିବହନ ଭଡ଼ା ଆତ୍ମସାତ ନେଇ ଟ୍ରକ୍ ମାଲିକ ମାନେ ପୂର୍ବରୁ ବହୁବାର ଅଭିଯୋଗ କରିଥିଲେ ହେଁ ପରିବହନ ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ।ପରିବହନ ଭଡ଼ା କମ୍ ମିଳିବା ସାଙ୍ଗ କୁ ଟନ୍ ପିଛା କିଛି ଟଙ୍କା କାଟି ଦିଆ ଯାଉ ଥିବାରୁ ଟ୍ରକ୍ ଋଣ ଦେଇ ପାରୁ ନ ଥିବା ଟ୍ରକ୍ ମାଲିକ ଆର୍ଥିକ ଅନାଟନ ର ଶିକାର ହେଉ ଛନ୍ତି ।ପୂର୍ବରୁ ଋଣ ପରିଶୋଧ କରି ନ ପାରି ଟ୍ରକ୍ ମାଲିକ ଅଞ୍ଚଳରେ ଆତ୍ମହତ୍ୟା କରିଥିବାର ନଜିର ରହିଛି ।ଏଣୁ ବେଆଇନ ଭାବେ ପରିବହନ ଭଡ଼ା ହଡ଼ପ କରୁଥିବ। ପରିବହନ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରକ୍ ମାଲିକ ମାନେ ଜିଲ୍ଲାପାଳ ଙ୍କୁ ନିବେଦନ କରିଛନ୍ତି ।ଅନ୍ୟଥା ବାଧ୍ୟ ହୋଇ ପରିବହନ ସଂସ୍ଥା ର ପରିବହନ ଲାଇସେନ୍ସ କୁ ରଦ୍ଦ କରିବା ପାଇଁ ପରିବହନ ହେଉଥିବା ଟ୍ରକ୍ କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେବାର ଟ୍ରକ୍ ମାଲିକ ମାନେ ଚେତାବନୀ ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନ ୧୧ ଟା ସମୟରେ କ୍ଷତିଗ୍ରସ୍ତ ଟ୍ରକ୍ ମାଲିକ ମାନେ ଯୋଡା ସ୍ଥିତ ମାଇନିଙ୍ଗ ଏରିଆ ଟ୍ରକ୍ ଓନର୍ ଆସୋସିଏସନ୍ ( ମା ଟୋ ଆ) କାର୍ଯ୍ୟାଳୟ କୁ ଆସି ଆସୋ ସି ଏ ସ ନ ଧାର୍ଯ୍ୟ କରି ଥିବା ପରିବହନ ମୂଲ୍ୟ ର ତାଲିକା ମାଗିବ। ସହିତ ନଇବୁଗା ସ୍ଥିତ ଏହି ପରିବହନ ସଂସ୍ଥା ବିରୋଧରେ ସଂଘ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ । ପିଢ଼ ପୋଖରୀ ଟ୍ରକ୍ ମାଲିକ ନିଶିକାନ୍ତ ବାରିକ କହିଛନ୍ତି ଯେ, ନଇ ବୁଗା ଖଣି ର ପରିବହନ ଠିକାଦାର ପରିବହନ ଭଡ଼ା ମୂଲ୍ୟ କୁ ମନ ଇଚ୍ଛା ହ୍ରାସ କରି ଦେଉଛନ୍ତି,୩ ମାସ ହେଲା ପେମେଣ୍ଟ ଦେଉ ନାହାନ୍ତି ।ମୁଖ୍ୟ ମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି କେନ୍ଦୁଝର ଜିଲ୍ଲା ପାଳ ଙ୍କ ଠାରେ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳି ପାରୁ ନାହିଁ । ଏ ନେଇ ସଂଘ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ।ବସନ୍ତପୁର ଗ୍ରାମ ର କୀର୍ତ୍ତନ ଚନ୍ଦ୍ର ମହାକୁଡ କହିଛନ୍ତି,ଯେ ପରିବହନ ଧାର୍ଯ୍ୟ ମୂଲ୍ୟ ଠାରୁ ପ୍ରତି ଟନ୍ ପିଛା ଠିକାଦାର ପ୍ରାୟ ୪୦ ରୁ ୫୦ ଟଙ୍କା କାଟି ପେମେଣ୍ଟ କରୁଛନ୍ତି ।ସଂପୃକ୍ତ ପରିବହନ ଠିକାଦାର ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ।ଜାମପାଣି ଅଞ୍ଚଳ ର ଲକ୍ଷ୍ମଣ ଗିରି କହିଛନ୍ତି ଯେ,ସଂଘ ପକ୍ଷରୁ ପରିବହନ ମୂଲ୍ୟ ତାଲିକା ଯଦି ଟ୍ରକ୍ ମାଲିକ ଙ୍କୁ ଦିଆ ନ ଗଲେ ଟ୍ରକ୍ ମାଲିକ ମାନେ ଅନଶନ ରେ ବସିବେ ବୋଲି କଡ। ଚେତାବନୀ ଦେଇଛନ୍ତି ।

## ପୁରୀ ଜିଲ୍ଲା ସମ୍ବଳ ବ୍ୟକ୍ତି ସଙ୍ଘର ନାର୍ଯ୍ୟ ଦାବୀ ପୂରଣ ପାଇଁ ଦାବୀ

ଅସ୍ତରଙ୍ଗ, (ମହାଭାରତ) : ବୁଧବାର ଦିବା ୧୧ ଘଟିକା ସମୟ ରେ ଅସ୍ତରଙ୍ଗ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ରେ ପୁରୀ ଜିଲ୍ଲା ସମ୍ବଳ ବ୍ୟକ୍ତି ସଙ୍ଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ର ବିଜ୍ଞପ୍ତି ଅନୁସାରେ ଲିଖିତ ମୌଖିକ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ଉଚ୍ଚ ଶିକ୍ଷିତ ଓ ଦକ୍ଷତା ଭିତ୍ତିକ ଯୋଗ୍ୟ ପାର୍ଥି ମାନଙ୍କୁ ନିଯୁକ୍ତି ଦିଆଯାଇ ସରକାର ଙ୍କ ପଞ୍ଚାୟତରାଜ ବିଭାଗ ରେ ୱାର୍ଡ ମେମ୍ବର, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଆଶା, ଆଶା ସାଥି, ଏଏନଏମ, ବିଆରଜୀ, ରାଜ୍ୟ ଜୀବିକା ମିଶନ ଅନ୍ତର୍ଗତ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର, ଏସଏଚଜି ନେତୃତ୍ୱ, ପ୍ରାଣୀ ଓ କୃଷି ମିତ୍ର, ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ସହ ରାଜ୍ୟ ବିପର୍ଯ୍ୟୟ ପରିଚାଳନା, ପ୍ରାକୃତିକ ଦୁର୍ବିପାକ, ଆରଟିଆଇ ଓ ମହିଳା ଶିଶୁକଲ୍ୟାଣ ଅନ୍ତର୍ଗତ ବାଲ୍ୟ ବିବାହ ଆଇନ ଓ ସୁରକ୍ଷା ଉପରେ ଦିନ ୨୦୦୯ ମସିହା ରୁ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ଦେଇ ଆସୁଛନ୍ତି ଆଉ ଏହି ବାବଦରେ ସରକାର ଙ୍କ ତରଫରୁ କିଛି ଅର୍ଥ ସେମାନଙ୍କୁ ଦିଆଯାଏ ମାତ୍ର ବର୍ତ୍ତମାନ ୩ରୁ ୪ ବର୍ଷ ହେବ ଏହି ଅଧିକାର ସେମାନଙ୍କୁ ପାଖରୁ କାଢି ନିଆଯାଇ ଏବେ ବିଭିନ୍ନ ବିଭାଗ ର ପଦାଧିକାରୀ ମାନେ ତାଙ୍କ କର୍ମଚାରୀ ଙ୍କ ଦ୍ୱାରା ପରିଚାଳନା କରୁଛନ୍ତି,ବର୍ତ୍ତମାନ ପରିସ୍ଥିତି ରେ ଏମାନଙ୍କ ଦାବୀ ରହିଛି ଯେ ଆମ୍ଭେ ଉଭୟ ରାଜ୍ୟ ଓ ଜାତୀୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ତାଲିମ ପାଇବା ସହ ତାଲିମ ଦାତା ଭାବେ ପ୍ରମାଣପତ୍ର ପାଇଛୁ ଏଥି ସହ ୨୦୦୮ ମସିହା ରୁ ଉଭୟ ଲିଖିତ, ଦଳଗତ ଆଲୋଚନା ଓ ତିନି ତିନି ଥର ମୌଖିକ ପରୀକ୍ଷା ଦେଇ ସରକାର ଙ୍କ ବିଭିନ୍ନ ବିଭାଗ ରେ ୨୦୦୯ରୁ ଉଚ୍ଚ କୋଟିର ତାଲିମ ଦେଇ ଆସିବା ସତେ କଣ ପାଇଁ ଓ କିପରି ଆମର ନାର୍ଯ୍ୟ ଅଧିକାର ରୁ ଆମ୍ଭମାନଙ୍କୁ ବଞ୍ଚିତ କରାଯାଇଛି। ଏଥି ପାଇଁ ପଞ୍ଚାୟତ ସ୍ତର ରୁ ରାଜ୍ୟ ସ୍ତର ରେ ସମସ୍ତ ପ୍ରଶାସନିକ ଅଧିକରୀ ଏଥି ପାଇଁ ଦାୟୀ,ବର୍ତ୍ତମାନ ପୁରୀ ଜିଲ୍ଲା ରେ ୨୪ ଜଣ ସମ୍ବଳ ବ୍ୟକ୍ତି ନିଜ ପରିବାର ପ୍ରତିପୋଷଣ କରିବାରେ ଅକ୍ଷମ, ଯେଉଁ ସରକାରୀ କର୍ମୀ ତାଲିମ ଦେଉଛନ୍ତି ଯାହାକି ଫଳରେ ସରକାର ଙ୍କ କାର୍ଯ୍ୟ ରେ ବାଧା ସୃଷ୍ଟି ସହ ସରକାରୀ ଦରମା ଓ ସମ୍ବଳ ବ୍ୟକ୍ତି ଙ୍କ ନାର୍ଯ୍ୟ ଅର୍ଥ ନେବା କେତେ ଯୁକ୍ତିଯୁକ୍ତ ଏହାକୁ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଟ୍ରେନର ସଙ୍ଘ ରେ କୋ କନଭେନର ପ୍ରଫୁଲ୍ଲ ବେହେରା, ଠିକ ସେହିପରି ସରକାରୀ କର୍ମୀ କେଉଁ ଗାଇଡ଼ ଲାଇନ ରେ ନିଜ କାମ ଛାଡି ତାଲିମ ଦେଉଛନ୍ତି ଓ ତାଲିମ ପ୍ରାପ୍ତ ସମ୍ବଳ ବ୍ୟକ୍ତି ଓ ସରକାରୀ କର୍ମୀ ଙ୍କ ତାଲିମ ଭିତରେ ଗୁଣବତ୍ତା ସହ ସମ୍ବଳ ବ୍ୟକ୍ତି ଓ ପରିବାର ପ୍ରତି କୁଠାରଘାତ କରିଆସୁଛନ୍ତି ପୂର୍ବ ସରକାରଙ୍କ ସମୟରୁ ଏହାକୁ ସିଧା ସଳଖ ଉପସ୍ଥାପନା କରିଛନ୍ତି ।

## ନବରଙ୍ଗପୁର ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ନବରଙ୍ଗପୁର, (ମହାଭାରତ) : ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ,ନବରଙ୍ଗପୁରଠାରେ ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ମହା ସମାରୋହ ରେ 'ଆନ୍ତର୍ଜାତୀକ ଭିନ୍ନକ୍ଷମ ଦିବସ ' ପାଳନ କରାଯାଇଛି। ସକାଳ ଘ ୯ .୪୫ ମି ସମୟରେ ମା ଭଣ୍ଡାରଘରଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ ଏବଂ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ଶୋଭାଯାତ୍ରାରେ ଦିବ୍ୟଙ୍ଗ ଭାଇ ଭଉଣୀ, ବରିଷ୍ଠ ନାଗରିକ, ସାମାଜିକ କର୍ମକର୍ତ୍ତା, ବେସରକାରୀ ସଂସ୍ଥା ସହିତ ବିଭିନ୍ନ ସରକାରୀ ପଦାଧିକାରୀ ସାମିଲ ହୋଇ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚି ଥିଲେ। ଉକ୍ତ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବରଙ୍ଗପୂର ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି




ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧାଂଶୁ ପାତ୍ର,ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଭରତ ଚନ୍ଦ୍ର ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୌପଦୀ କହଁର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ଭିନ୍ନକ୍ଷମ ସଂଘ ସଭାପତି ତଥା ସମାଜସେବୀ ଜଗନ୍ନାଥ ମହାପାତ୍ର, ପୌରପାଳିକା ୱାର୍ଡ ସଭ୍ୟା ଶର୍ମିଷ୍ଠ। ଦେଓ ,' ସକ୍ଷମ' ସଭାପତି ସୁଜିତ୍ ରଥ, 'ଆଶକିରଣ' ସଭାପତି ଜଗନ୍ନାଥ ବେହେରା, ସ୍ୱତନ୍ତ୍ର ଶିକ୍ଷା ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଦିବ୍ୟାଙ୍ଗ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ସମାଜ ରେ ଥିବା ଦିବ୍ୟାଙ୍ଗ ମାନଙ୍କୁ ସମବେଦନା ବଦଳରେ ସହଯୋଗର ହାତ ବଢେଇବାକୁ ଆହ୍ୱାନ ଦେଇଥିଲେ ।ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ତାଙ୍କର ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶ ରେ ବିଶେଷ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା ।ଏହି ଦିବସ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ,ଓ ଅନ୍ୟାନ୍ୟ ପ୍ରତିଯୋଗିତା ରେ ଭାଗ ନେଇ ଅତିଥି ଙ୍କ ଠାରୁ ପୁରସ୍କୃତ ହୋଇଥିଲେ। । ବିଭିନ୍ନ ବ୍ଲକ ରୁ ଅଧିକାରୀଙ୍କ ସହ ନବରଙ୍ଗପୂର ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ୫ରି ଗାଁ ଖଗେଶ୍ୱର ଗଉଡ ଦିବ୍ୟାଙ୍ଗ ପରିବାରଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦ /- ଟଙ୍କାର ଡମି ଚେକ ପ୍ରଦାନ କରାଯାଇଥିଲା। ପାରା ଅଲମ୍ପିକସ ରେ ସ୍ୱର୍ଣ୍ଣ ପଦକ ବିଜେତା ଜଗନ୍ନାଥ ସାଆନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ଦୁଇ ଜଣ ଦିବ୍ୟାଙ୍ଗ ଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଗଲା । ଏଥିରେ ସାମାଜିକ ସୁରକ୍ଷା ବିଭାଗ ର କର୍ମଚାରୀ ସହଯୋଗ କରିବା ସହ କାର୍ଯ୍ୟକ୍ରମ କୁ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ।

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଦଶପଲ୍ଲା, (ମହାଭାରତ): ପ୍ରକଳ୍ପ ଅଧିକାର, ଦଶପଲ୍ଲାଙ୍କ ଆୟୋଜନ କ୍ରମେ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ନେଲିଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରିଗଣ୍ଡା ଠାରେ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ମଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ଅଧିକାର ଶାଖା ପରିଚାଳକ ପ୍ରଭାତ କୁମାର ସାହୁ ଏ ଦିବସର ବୈଶିଷ୍ଟ୍ୟ ଓ ଏହାର ଆବଶ୍ୟକତା ଉପରେ ଆଲୋଚନା କରି କହିଥିଲେ ଯେ, ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ଠାରୁ ମାନବ ସମାଜ ଉର୍ଦ୍ଧ୍ୱରେ। ଧନୀ ହେଉ ଅବା ଗରିବ କିମ୍ବା ଭିନ୍ନକ୍ଷମ ସମାଜରେ ସବୁ ମଣିଷଙ୍କ ସମାନ ଅଧିକାର ଅଛି। ସମ୍ମାନ ଓ ମର୍ଯ୍ୟାଦାର ସହିତ ସମସ୍ତ ମାନବ ସମାଜ ବଞ୍ଚିବା ଉଚିତ୍। ଶିକ୍ଷ୍ୟା, ସ୍ୱାସ୍ଥ୍ୟ, ବାସଗୃହ, ଖାଦ୍ୟ ଇତ୍ୟାଦି ପ୍ରତି କ୍ଷେତ୍ରରେ ଭିନ୍ନକ୍ଷମ ମାନଙ୍କ ମଙ୍ଗଳ ପାଇଁ ସରକାରଙ୍କ ତରଫରୁ ଅନେକ ଯୋଜନା ଅଛି କିନ୍ତୁ ତାର ସୁଫଳ ସେମାନେ ପାଇବା ଆବଶ୍ୟକ ଓ ଏଥିପାଇଁ ସବୁ ଲୋକ ସହଯୋଗ କରିବା ଉଚିତ୍ ବୋଲି କହିଥିଲେ।

## ଆସିକା ବ୍ୟାଙ୍କଅଫ ଇଣ୍ଡିଆ ଶାଖା ମ୍ୟାନେଜର ମହିଳାଙ୍କୁ ଅସଦାଚରଣ ଥାନାରେ ଅଭିଯୋଗ

ଆସିକା, (ମହାଭାରତ) : ଆସିକା ବିଜୁ ପଟ୍ଟନାୟକ ଛକ ନିକଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ମ୍ୟାନେଜର ମହିଳାଙ୍କୁ ଅସଦାଚରଣ ଅଭିଯୋଗ। ଏନେଇ ଥାନାର ଦ୍ୱାରସ୍ତ ହୋଇଛନ୍ତି ଅଭିଯୋଗ କାରି ମହିଳା ।ପ୍ରକାଶ ଥାଉକି ଗତକାଲି ଆସିକା ବାବନପୁର ଗ୍ରାମର ଶିବାନୀ ମହାନ୍ତି ନାମକ ଜଣେ ମହିଳାଙ୍କ ଆସିକା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଗୋଟିଏ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟ ସମ୍ପର୍କୀୟ କିଛି ତଥ୍ୟ ବାରମ୍ବାର ମହିଳା ଜଣଙ୍କ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଏହି ବିଷୟରେ ପଚାରିବାରୁ ମ୍ୟାନେଜର ଜଣଙ୍କ ଉତକ୍ଷିପ୍ତ ହୋଇ ଉକ୍ତ ମହିଳା ଗ୍ରାହକଙ୍କୁ ଦୁର୍ବ୍ୟବହାର କରିବା ସହିତ ଆପଣଙ୍କୁ ମୋ ଇଚ୍ଛା ହେଲେ ମୁଁ କହିବି ନହେଲେ ନାଇଁ କହି ବ୍ୟାଙ୍କରୁ ଘଉଡ଼ାଇ ଦେଇଥିଲେ। ଏନେଇ ମହିଳା ଜଣକ ଆସିକା ଥାନାରେ ଦ୍ୱାରସ୍ତ ହେବା ପରେ ଆସିକା ପୋଲିସ ଘଟଣାର ତଦନ୍ତ କରୁଛି। ଅନ୍ୟପଟେ ଉକ୍ତ ବ୍ୟାଙ୍କ ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ବିରୁଦ୍ଧରେ ଅନେକ ଥର ଦୁର୍ବ୍ୟବହାର ଅଭିଯୋଗ ହେବାର ନଜିର ରହିଛି। ତୁରନ୍ତ ଏହି ଭଳି ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ଗ୍ରାହକ ମହଲରେ ଦାବୀ ହେଉଛି।

## ପାରାଦୀପ ବନ୍ଦରରେ ରେକର୍ଡ ପଣ୍ୟ ପରିଚାଳନା କରି ଓଏସଏଲର ଐତିହାସିକ ସଫଳତା

ପାରାଦୀପ, (ମହାଭାରତ) : ଅଗ୍ରଣୀ ଷ୍ଟିଭେଡୋର୍ସ ସଂସ୍ଥା ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ଼ (ଓଏସଏଲ) ପାରାଦୀପ ବନ୍ଦରର ସମସ୍ତ ୬ ଗୋଟି ମାନୁଆଲ ବର୍ଥରେ ଗୋଟିଏ ଦିନରେ ରେକର୍ଡ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ ପରିଚାଳନା କରି ଏକ ବିରଳ କୀର୍ତ୍ତିମାନ ସୃଷ୍ଟି କରିଛି । ପାରାଦୀପ ବନ୍ଦରର ସିକ୍ୟୁ-୧ ବର୍ଥରେ ଲାଗିଥିବା ଲାଇମ୍ ଷ୍ଟୋନ୍ ବୋଝେଇ ଜାହାଜ ଏମ୍.ଭି. ମେଟାଲ ଷ୍ଟାର, ସିକ୍ୟୁ-୩ ବର୍ଥରେ ଆମୋନିଆ ନାଇଟ୍ରେଟ୍ ନେଇ ଆସିଥିବା ଏମ୍.ଭି. ରୋଷ୍ଟରମ୍ ସାଓପାଓଲ, ଏମ୍‌ପିବି ବର୍ଥରେ ଲାଗିଥିବା ଲାଇମ୍ ଷ୍ଟୋନ୍ ପଣ୍ୟବାହୀ ଜାହାଜ ଏମ୍.ଭି. ଆମ୍‌ସିଷ୍ଟାଲିଅନ୍, ଏସ୍‌କ୍ୟୁ ବର୍ଥରେ ଲାଇମ୍ ଷ୍ଟୋନ୍ ବୋଝେଇ ଏମ୍.ଭି. ଜିସିଏଲ୍ ଯମୁନା, ଏନ୍‌କ୍ୟୁ-୩ ବର୍ଥରେ ଜିପ୍‌ସମ୍ ଏମ୍.ଭି. ଦୃଷ୍ଟି ରୁ ପଣ୍ୟ ଖଲାସ କରାଯାଇଥିଲା । ସେହିପରି ସିକ୍ୟୁ-୨ ବର୍ଥରେ ଲାଗିଥିବା ଏମ୍.ଭି. ଏସ୍‌ଏଲ୍‌ଏସ୍ ପୋଲାରରେ ମିଲ୍‌ସ୍କେଲ୍ ପଣ୍ୟ ବୋଝେଇ କରାଯାଇଥିଲା । ସେହିଭଳି ଡିସେମ୍ବର




୧ରେ ମଧ୍ୟ ଦୁଇଟି ମେକାନିକାଲ ବର୍ଥ ଏଫ୍‌ବି-୧ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମ୍.ଭି. ଆମ୍‌ସି ଷ୍ଟାଲିଅନ୍ ଜାହାଜରୁ ଲାଇମ୍ ଷ୍ଟୋନ୍ ଓ ଏଫ୍-୨ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମ୍.ଭି. ପୋଲାଷ୍ଟାରରୁ ସଲଫର ମଧ୍ୟ ଖଲାସ କରାଯାଇଥିଲା । ସୂଚନାଥାଉକି, ପାରାଦୀପ ବନ୍ଦରରେ ବିଗତ ଆର୍ଥିକ ବର୍ଷ ଗୁଡ଼ିକରେ ସର୍ବାଧିକ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି ଓଏସଏଲ କ୍ରମାଗତ ସର୍ବଶ୍ରେଷ୍ଠ ଷ୍ଟିଭେଡୋର୍ସ ସମ୍ମାନ ବିଗତ ବର୍ଷ ମାନଙ୍କରେ ପାଇ ଆସୁଅଛି । ଚଳିତ ବର୍ଷ ତା୨୬.୦୬.୨୦୨୫ ରିଖରେ ୨୪ ଘଣ୍ଟା ମଧ୍ୟରେ ସିକ୍ୟୁ-୧ ବର୍ଥରେ ଏମ୍.ଭି. ଟେଲ୍‌ୱିଣ୍ଡିସ୍ ଜାହାଜରୁ ୫୦,୪୪୦ ମେଟ୍ରିକ୍ ଟନ୍ ଷ୍ଟିମ୍ କୋଲ୍ ଖଲାସ କରି ଓଏସଏଲ ଏକ ବିରଳ ଇତିହାସ ସୃଷ୍ଟି କରିଥିଲା । ତେବେ ପାରାଦୀପ ବନ୍ଦର ପଣ୍ୟ ପରିଚାଳନ କ୍ଷେତ୍ରରେ ଦେଶର ଏକ ନମ୍ବର ହେବାରେ ଓଏସଏଲ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କୁହାଯାଇପାରେ । ଅନ୍ୟପକ୍ଷରେ ଏହି ଐତିହାସିକ ସଫଳତା ହାସଲ ପରେ ଓଏସଏଲ ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଓ କମ୍ପାନୀ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ନିରବଚ୍ଛିନ୍ନ ପ୍ରୟାସ ପାଇଁ ସାଧୁବାଦ ଜଣାଇଛନ୍ତି କ୍ଷ ତେବେ ପାରାଦୀପ ବନ୍ଦର ପଣ୍ୟ କାରବାର ଅଭିବୃଦ୍ଧିରେ ଓଏସଏଲ ତାର ଉତ୍କର୍ଷ ପ୍ରୟାସ ଏହିପରି ଜାରି ରଖିବ ବୋଲି କମ୍ପାନୀ ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର କହିଛନ୍ତି।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଜାଗୃତି ଭିନ୍ନକ୍ଷମ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ବର୍ଷର ବିଷୟବସ୍ତୁ, 'ସାମାଜିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା' ଉପରେ ଆଧାରିତ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରାଦୀପ ବନ୍ଦରର ଉପ-ସଂରକ୍ଷକ କ୍ୟାପଟେନ ଏ.ସି.ସାହୁ ଯୋଗ ଦେଇ ପିଲାମାନଙ୍କର ମନୋବଳ ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଏବଂ ସ୍କୁଲର ସାମଗ୍ରିକ ବିକାଶରେ ବନ୍ଦର ପ୍ରଶାସନ ତାର ସମର୍ଥନ ଜାରି ରଖିବା ନେଇ ପ୍ରତିଶୃତି ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଯନ୍ତ୍ରୀ



ଏଚ୍.ଏସ୍. ରାଉତ ସ୍କୁଲର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ପାରାଦୀପ ଲେଡିଜ୍ କ୍ଲବର ସମ୍ପାଦିକା ଶ୍ରୀମତୀ ପୁଷ୍ପାଞ୍ଜଳି ସାହୁ, କୋଷାଧ୍ୟକ୍ଷ ଶ୍ରୀମତୀ ଜେମିମା ଏଡିସନ୍, କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ କବିତା ନାହାକ ଏବଂ ମହିଳା କ୍ଲବର ସଦସ୍ୟା ଶ୍ରୀମତୀ ସବିତା ସାହୁ, ଜାଗୃତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନଳିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବନ୍ଦର ଅର୍ଥ ବିଭାଗ ର ଉପ-ମୁଖ୍ୟ ପ୍ରସାନ୍ତ କୁମାର ମହାରଣା ଏହି ଅବସରରେ ଭିନ୍ନକ୍ଷମ ଦିବସ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ୫୧ ଜଣ ଦିବ୍ୟାଙ୍ଗ କର୍ମଚାରୀଙ୍କୁ ସେମାନଙ୍କ ଅବଦାନକୁ ସ୍ୱୀକୃତି ସ୍ୱରୂପ ସ୍ମାରକୀ ବଣ୍ଟନ କରାଯାଇଥିଲା। ସେହିପରି ଜାଗୃତି ସ୍କୁଲର ପିଲାମାନଙ୍କ ସହିତ କର୍ମଚାରୀମାନଙ୍କୁ ସ୍କୁଲ କିଟ୍ ମଧ୍ୟ ପ୍ରଦାନ କରାଯିବା ସହ ପାରାଦୀପ ଲେଡିଜ୍ କ୍ଲବ ଅନୁଷ୍ଠାନ ପକ୍ଷରୁ ସ୍କୁଲର ଆନୁସଙ୍ଗିକ ଉନ୍ନତି ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ବନ୍ଦର ଜନମଙ୍ଗଳଅଧିକାରୀ ରାମ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୃତି ସ୍କୁଲର କୋଷାଧ୍ୟକ୍ଷ ଶ୍ରୀମତୀ ସୀମାଶ୍ରୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ରଣପୁରର ପୂର୍ବତନ ବିଧାୟକଙ୍କ ରାଜନୈତିକ ପ୍ଲାନ୍ : ରଣପୁରକୁ ବାଏ ବାଏ, ନୟାଗଡ଼କୁ ଏଣ୍ଟ୍ରି

ନୟାଗଡ଼, ( ମହାଭାରତ ) : ଚର୍ଚ୍ଚାରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ରାଜନୀତି ପ୍ଲାନ୍। ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। କାରଣ ଗତ ସାଧାରଣ ବିଧାନସଭା ନିର୍ବାଚନରେ ରଣପୁର ନିର୍ବାଚନ ମଣ୍ଡଳୀରୁ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିଲେ ସତ୍ୟନାରାୟଣ ପ୍ରଧାନ। ବିଜେପିର ବିଧାୟକ ପ୍ରାର୍ଥୀ ସୁରମା ପାଢୀଙ୍କ ଠାରୁ ବିଜେଡି ର ସତ୍ୟନାରାୟଣ ପ୍ରଧାନ ପରାଜିତ ହେବା ପରେ ଆଗ ଭଳି ଆଉ ରଣପୁର ରେ ତାଙ୍କୁ ଅଧିକ ଦେଖିବା ପାଇଁ ମିଳୁନି। ରଣପୁର ର ବିଜେଡ଼ି ଦଳୀୟ ସଂଗଠନ ରେ ରହିଥିଲେ ମଧ୍ୟ ଅଧିକାଂଶ ସମୟ ସେ ନୟାଗଡ଼କୁ ଦେଉଥିବା ଦେଖିବା ପାଇଁ ମିଳୁନି। ଇଚ୍ଛା ଏବଂ ମନ ତାଙ୍କର ନୟାଗଡ଼ ପ୍ରତି ରହିଛି।



ସେପଟେ ସୁରମା ପାଢୀ ରଣପୁର ର ବିଧାୟକ ହେବା ପରେ ଏବେ ସେ ବିଧାନସଭା ର ବାଚସ୍ପତି ପଦବୀରେ ଅଛନ୍ତି। ରଣପୁରରେ ସୁରମା ପାଢୀଙ୍କ ଦବ୍-ଦବା ବଢ଼ିବାରେ ଲାଗିଛି। ବିଜେପି ମୁହାଁ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ବିଜେଡ଼ି କର୍ମୀ ଏବଂ ନେତା। ରଣପୁର ଏନ୍ଏସି ର ଅଧକ୍ଷା ରଙ୍ଗୀନ୍ ମହାନ୍ତିଙ୍କୁ ବିଜେଡ଼ି ଦଳ ରୁ ସସ୍ପେଣ୍ଡ କରିବା ପରେ ସେ ଏବେ ବିଜେପି ଶିବିରରେ ମଧ୍ୟ ଅଛନ୍ତି। ବିଜେପିର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବା ପାଇଁ ମିଳୁଛି। ସେପଟେ ରାଜ୍ୟରେ ବିଜେପି ସରକାର ରହିଥିବାରୁ ସତ୍ୟନାରାୟଣ ପ୍ରଧାନଙ୍କ ନୂଆ ରାଜନୀତି ପ୍ଲାନ୍ କୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ାଇଛି। ସତ୍ୟନାରାୟଣ ପ୍ରଧାନ ଖୁବ୍ ଶୀଘ୍ର ରଣପୁର କୁ ବାଏ ବାଏ କରି ନୟାଗଡ଼କୁ ଏଣ୍ଟ୍ରି କରିବା ଏବେ ଚର୍ଚ୍ଚା ଜୋର୍ ଧରିଛି। ନୟାଗଡ଼ ବିଧାନସଭା ଆସନ କିମ୍ବା ନୟାଗଡ଼ ମ୍ୟୁନିସିପାଲିଟିର ଅଧକ୍ଷ ହେବା ପାଇଁ ସେ ମନ ସ୍ଥିର କରିଥିବା ତାଙ୍କ ନିକଟତମ ଲୋକଙ୍କ ବିଭିନ୍ନ ସ୍ଥାନରେ ଆଲୋଚନା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ସତ୍ୟନାରାୟଣ ପ୍ରଧାନ ବିଜେଡ଼ି ଟିକେଟରେ ରଣପୁର ରୁ ଦୁଇ ଥର ବିଧାୟକ ହୋଇଥିବା ବେଳେ, ପୂର୍ବରୁ ମଧ୍ୟ ନୟାଗଡ଼ ଏନ୍ଏସି ର ଅଧକ୍ଷ ହୋଇଛନ୍ତି। ୨୦୦୩ ରୁ ୨୦୦୮ ମସିହାରେ ନୟାଗଡ଼ ଏନ୍ଏସି ରୁ ରାଜନୀତି ଆରମ୍ଭ କରିଥିବା ସତ୍ୟନାରାୟଣ ପ୍ରଧାନ ପୁଣି ସେହି ସ୍ଥାନରେ ଲୋକଙ୍କ ସେବା କରିବା ପାଇଁ ରାଜନୈତିକ ଭାବେ ଇଚ୍ଛା ମନ ବଳାଇଛନ୍ତି। ନୟାଗଡ଼ ମାଟିରୁ ବିଧାୟକ ଭାବେ ଲଢ଼ିବେ ନାଁ ଅଧକ୍ଷ ଭାବେ ତାହା ସ୍ପଷ୍ଟ କରିନଥିବା ବେଳେ ବିଜେଡ଼ି ଦଳରୁ ଲଢ଼ିବେ ବୋଲି ସେ ସ୍ପଷ୍ଟ କରି କହିଛନ୍ତି। ନୟାଗଡ଼ ମାଟି ରୁ ଆଗାମୀ ଦିନରେ ଲଢ଼ିବେ ସତ୍ୟନାରାୟଣ ପ୍ରଧାନ। ବୟସ ତାଙ୍କୁ ୬୭ ହୋଇଥିବା ବେଳେ ଦେହକୁ ଫିଟ୍ ରଖିବା ପାଇଁ ପ୍ରତିଦିନ ଜିମ୍ ଯାଇ ବିଭିନ୍ନ ବ୍ୟାୟାମ କରିବା ସହ ସାଇକେଲରେ ନୟାଗଡ଼ ସହରର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି। ଲୋକଙ୍କ ସହ ମିଶି ଦହିବରା ଆଳୁଦମ୍ ଖାଇବା ସହ ଚା ଖଟିରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରୁଥିବା ଦେଖିବା ପାଇଁ ମିଳିଛି।

## ସୁଧୁରିଯାଅ ମାଓବାଦୀ ! ମାର୍ଚ୍ଚ ଆସୁଛି... ଡେଲାଇନ ପୂରୁଛି ଡର ବଢୁଛି




ନୂଆଦିଲ୍ଲୀ: ଘଣ୍ଟାର ଟିକ୍ ଟିକ୍ ଶବ୍ଦରେ ଧାଉଁଛି ସମୟ । କ୍ୟାଲେଣ୍ଡର ବଦଳିବା ପରି ବଦଳିଯିବ ବର୍ଷ । ଆଉ ମାତ୍ର ଦିନ କେଇଟା ପରେ ଆସିବ ନୂଆବର୍ଷ । ତା ସହ ଜାନୁଆରୀ ଡେଇଁ ଫେବୃଆରୀ ପରେ ମାର୍ଚ୍ଚ ମାସ ଆସିବ । ଯେଉଁ ମାର୍ଚ୍ଚ ଉପରେ ସାରା ଦେଶର ନଜର ରହିଥିଲା ଶେଷରେ ସେହି ମାସ ଆସିବ ଆଉ ଦେଶ ମାଓ ମୁକ୍ତ ହେବା ସହ ମାଓବାଦ ଶେଷ ନିଶ୍ୱାସ ନେବ । ୨୦୨୬ ମାର୍ଚ୍ଚ ୩୧ ତାରିଖ- ଏହି ଦିନ ମାଓବାଦୀଙ୍କ ପାଇଁ ଡେଡଲାଇନ ଥିବା ବେଳେ ଯବାନ ଏବଂ ସୁରକ୍ଷାକର୍ମୀଙ୍କ ପାଇଁ ଏହି ତାରିଖ ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଏବଂ ଚାଲେଞ୍ଜ । କାରଣ ଦେଶକୁ ମାଓମୁକ୍ତ କରିବା ପାଇଁ ଯେଉଁ ସଙ୍କଳ୍ପ ମୋଦୀ ସରକାର ନେଇଛନ୍ତି ସେହି ଦିଗରେ ଅପରେସନକୁ ଜୋରଦାର କରାଯାଇଛି । ବିଗତ ଦିନରେ ମାଓମୁକ୍ତ ଭାରତ ଲକ୍ଷ୍ୟରେ ଲାଲଗଡରେ ବଡ଼ ଅପରେସନ କରି ମାଓବାଦୀଙ୍କୁ ନିପାତ କରାଯାଉଛି । ଗୋଟେପଟେ ଅସ୍ତ୍ର ଛାଡିବାକୁ ଆହ୍ୱାନ ଦିଆଯାଉଥିବା ବେଳେ ଅନ୍ୟପଟେ ନକ୍ସଲଙ୍କୁ ତ୍ରାହି ଦିଆଯାଉନି । ଯବାନଙ୍କ ଗୁଳିର ଗର୍ଜନ ଏବଂ ବାରମ୍ବାର ଅପରେସନ ପରେ ଥରହର ମାଓ ଶିବିର । ନକ୍ସଲଙ୍କର ନିଦ ହଜିଛି । ପୁଣି ମାର୍ଚ୍ଚ ମାସ ପାଖେଇ ଆସୁଥିବାରୁ ମାଓବାଦୀ ଶିବିରରେ ଭୟ ଖେଳିଯିବା ସହ ଛାତିରେ ପଶିଲାଣି ମୃତ୍ୟୁ ଛନକା ।

ସେହିକ୍ରମରେ ଆଜି ଏକ ବଡ଼ ଏନକାଉଣ୍ଟର ହୋଇଛି । ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର ଘଟିଛି । ଏହି ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଛନ୍ତି । ଅନ୍ୟପଟରେ ସୁରକ୍ଷା ବାହିନୀର ଗୁଳିମାଡ଼ରେ ୧୨ ଜଣ ମାଓବାଦୀ ନିପାତ ହୋଇଛନ୍ତି । ରିପୋର୍ଟ କହୁଛି ଚଳିତ ବର୍ଷ ମାଓମୁକ୍ତ ଅଭିଯାନକୁ ଜୋରଦାର କରାଯିବାରୁ ଛତିଶଗଡ଼ରେ ୨୭୫ ଜଣ ନକ୍ସଲ ନିପାତ ହୋଇଛନ୍ତି । ଯେଉଁଥିରେ ବସ୍ତର ଡିଭିଜନରେ ସବୁଠୁ ଅଧିକ ମରିଛନ୍ତି । ବିଜାପୁର, ଦାନ୍ତେୱାଡାରେ ଅଜ୍ଞ ସଂଖ୍ୟକ ନକ୍ସଲଙ୍କୁ ନିପାତ କରାଯାଇଛି । ତେବେ ଡେଡଲାଇନ ପୂରୁଥିବାରୁ ନକ୍ସଲଙ୍କ ଛାତିରେ ଡର ବଢୁଛି ।

## ଗୁଜରାଟର ଏକ କମ୍ପ୍ଲେକ୍ସରେ ଭୟଙ୍କର ଅଗ୍ନିକାଣ୍ଡ



ଗୁଜରାଟ : ଗୁଜରାଟର ଭାବନଗର କାଲ ନାଲା ଅଞ୍ଚଳର ଏକ କମ୍ପ୍ଲେକ୍ସରେ ଆଜି ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ବେସମେଣ୍ଟରୁ ଆରମ୍ଭ ହୋଇଥିବା ନିଆଁ ଶୀଘ୍ର କୋଠା ସାରା ବ୍ୟାପି ଯାଇଥିଲା । କୋଠାରେ ଅନେକ ହସ୍ପିଟାଲ ରହିଛି । ସୂଚନା ପାଇ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି । କୋଠାରେ ଅଗ୍ନିକାଣ୍ଡ ବ୍ୟାପିଯାଇଥିବାରୁ ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ କାଲୁଭା ରୋଡ୍ ନିକଟସ୍ଥ ଏକ ପାଥୋଲୋଜି ଲ୍ୟାବରେ ଅଗ୍ନିକାଣ୍ଡ ଘଟିଥିଲା । ସେଠାରେ ଅନେକ ଡାକ୍ତରଖାନା, ଅନ୍ୟାନ୍ୟ ଦୋକାନ ଏବଂ କାର୍ଯ୍ୟାଳୟ ରହିଛି । ଅଗ୍ନିକାଣ୍ଡ ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପିଲା ଏବଂ ଅନ୍ୟାନ୍ୟ ରୋଗୀମାନଙ୍କୁ କାଚ ଭାଙ୍ଗି ଉଦ୍ଧାର କରାଯାଇଥିଲା । ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଝରକା ଉପରେ ଏକ ସିଡ଼ି ରଖି ପିଲାମାନଙ୍କୁ ଚାଦରରେ ଗୁଡ଼ାଇ ଜଣ ଜଣଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ଏଥିସହ ସମସ୍ତ ରୋଗୀଙ୍କୁ ମେଡିକାଲ କଲେଜର ସ୍. ଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ସୂଚନା ପାଇ ଘଟଣାସ୍ଥଳରେ ୫ଟି ଦମକଳ ମାହିନୀ ଗାଡ଼ି ସହିତ ୫୦ ଜଣ କର୍ମଚାରୀ ଅଗ୍ନିକାଣ୍ଡ ଆୟତ୍ତ କରିବାକୁ ନିୟୋଜିତ ହୋଇଥିଲେ । ଗୋଟିଏ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବାହିନୀ ଟିମ୍ ସଫଳ ହୋଇଥିଲେ ।

## ପୁଣି ଦିଲ୍ଲୀର ୨ଟି ୟୁନିଭର୍ସିଟିକୁ ବୋମା ଧମକ




ନୂଆଦିଲ୍ଲୀ : ପୁଣି ଦିଲ୍ଲୀର ୨ଟି ୟୁନିଭର୍ସିଟିକୁ ବୋମା ଧମକ ମିଳିଛି । ଦିଲ୍ଲୀର ଏହି ୨ଟି ରାମଜସ କଲେଜ ଏବଂ ଦେଶ ବନ୍ଧୁ କଲେଜକୁ ବୋମାରେ ଉଡାଇବାକୁ ଧମକ ମିଳିଛି । ଯାହା ଇ-ମେଲ୍ ଦ୍ୱାରା ମିଳିଥିବା ସୂଚନା ରହିଛି । ସୂଚନା ପାଇ ବମ୍ ସ୍କ୍ୱାର୍ଡ ଏବଂ ଦିଲ୍ଲୀର ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି । ବର୍ତ୍ତମାନ ସୁଦ୍ଧା ସନ୍ଦିଗ୍ଧଙ୍କ ସୂଚନା ମିଳିନାହିଁ ।

ସୂଚନାନୁଯାୟୀ, ବୋମା ଧମକ ମିଳିବା ପରେ ଦିଲ୍ଲୀର ୨ଟି କଲେଜରେ ବମ୍ ସ୍କ୍ୱାର୍ଡ ଏବଂ ଦିଲ୍ଲୀ ପୋଲିସ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି । ଏହି ଘଟଣାକୁ ରୋକିବା ପାଇଁ ସୁରକ୍ଷା ପ୍ରୋଟୋକଲ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେମିତି କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ । ପରିସ୍ଥିତି ଉପରେ ନଜର ରଖିବା ସହିତ ଏହି ଧମକର ସତ୍ୟତାକୁ ଯାଞ୍ଚ କରୁଛି ପୋଲିସ । ଆପଣଙ୍କୁ ଜଣାଇ ରଖୁଛୁ ଯେ ଏପରି ଧମକ ମିଳିବା ପ୍ରଥମ ଥର ନୁହେଁ ପୂର୍ବରୁ ଦିଲ୍ଲୀ ସ୍କୁଲକୁ ଧମକ ମିଳିଥିଲା । କିଛି ଦିନ ପୂର୍ବରୁ ମୁମ୍ବାଇ ଏୟାରପୋର୍ଟର ଇଣ୍ଡିଗୋ ବିମାନକୁ ମଧ୍ୟ ଧମକ ମିଳିଥିଲା । ଯାହାଫଳରେ ବିମାନଟି ଏମରଜେନ୍ସି ଲ୍ୟାଣ୍ଡିଂ କରିଥିଲା ।

## ଜମ୍ମୁ : ରାଜୌରୀ ଯାଉଥିବା ବେଳେ ରେଲିଂରେ ପିଟିହେଲା କାର୍

ଜମ୍ମୁ-କାଶ୍ମୀର : ଆଜି ସକାଳେ ଜମ୍ମୁ କାଶ୍ମୀରର ରାଜୌରୀରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୨ ଜଣଙ୍କର ପ୍ରାଣ ଯାଇଥିଲାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ବର୍ତ୍ତମାନ ଆହତମାନେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ସ୍ୱିଫ୍ଟ କାରରେ ଜମ୍ମୁରୁ ରାଜୌରୀ ଯାଉଥିବା ସମୟରେ ଚିଙ୍ଗୁସ୍ ନିକଟରେ ଏକ ରେଲିଂରେ କାରଟି ପିଟି ହୋଇଥିଲା । ଫଳରେ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ପ୍ରାୟ ଭୋର ୪ ଟା ୩୦ ମିନିଟରେ ହୋଇଥିଲା । ଦୁର୍ଘଟଣାଗ୍ରସ୍ତ କାରରେ ୫ ଜଣ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ଅନ୍ୟ ୩ ଜଣ ଆହତ ହୋଇଥିଲେ । ଅନ୍ୟପଟେ ଦୁର୍ଘଟଣାରେ ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ପରିଚୟ ଚିହ୍ନଟ କରିଛି ପୋଲିସ । ମୃତକଙ୍କ ପୋଷ୍ଟମର୍ଟମ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଯାହାଫଳରେ ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି । ଏଥିସହ ପୋଲିସ ବର୍ତ୍ତମାନ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।



## ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି 'ସୋନିଆ ଗାନ୍ଧୀ'

କେରଳ : ପଞ୍ଚାୟତ ନିର୍ବାଚନରେ ସୋନିଆ ଗାନ୍ଧୀ ପ୍ରାର୍ଥୀ । ଶୁଣିକି ଆଶ୍ଚର୍ଯ୍ୟ ଲାଗୁଛି ନା ? କଥାଟା ଜାଣିଲା ପରେ ଆପଣ ହୁଏତ କିଛି ସମୟ ସ୍ତବଧ ହୋଇଯିବେ । କଣ ସତରେ ସୋନିଆ ଗାନ୍ଧୀ ପୂର୍ବତନ ସାଂସଦ ଏବେ ସରପଞ୍ଚ ପ୍ରାର୍ଥୀ ହୋବକୁ କାହିଁକି ମନ ବଳାଇଲେ । ହେଲେ ସତ କଥା କିଛି ଭିନ୍ନ । କେରଳର ସ୍ଥାନୀୟ ନିର୍ବାଚନରେ ମୁନ୍ନାରରୁ ସୋନିଆ ଗାନ୍ଧୀଙ୍କୁ ପ୍ରାର୍ଥୀ ଭାବେ ବିଜେପି ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି । ଏଲଡିଏଫ ଏବଂ ବିରୋଧୀ ଦଳ ୟୁଡିଏଫ ରାଜ୍ୟରେ ବିଜେପିର ଏହି ପଦକ୍ଷେପ କଂଗ୍ରେସକୁ ଏକ କଷ୍ଟକର ସ୍ଥିତିରେ ପକାଇଛି ।

ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ସୁଦର ରାଜଙ୍କ ଝିଅ ହେଉଛନ୍ତି ସୋନିଆ । ସୋନିଆଙ୍କ ବାପା ସୋନିଆ ଗାନ୍ଧୀଙ୍କର ଜଣେ ପ୍ରଶଂସକ ହୋଇଥିବାରୁ ତାଙ୍କ ଝିଅର ନାମ ଏମିତି ରଖିଛନ୍ତି । ଯିଏକି ଜଣେ ବିଜେପି କର୍ମୀ ଏବଂ ସୁଭାଷଙ୍କୁ ବିବାହ କରିଛନ୍ତି । ସୁଭାଷ ବିଜେପିର ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି । କଂଗ୍ରେସକୁ ଭୁଆଁ ବୁଲାଇବା ପାଇଁ ବିଜେପି ଏହି ସୋନିଆ ଗାନ୍ଧୀଙ୍କୁ ପ୍ରାର୍ଥୀ କରିଛି । ଯାହା କେରଳର ସ୍ଥାନୀୟ ନିର୍ବାଚନରେ ଏକ ବଡ଼ ଆଲୋଚନାର ବିଷୟ ପାଲଟିଛନ୍ତି । ବିଜେପି କର୍ମୀ ସୁଭାଷଙ୍କ ସ୍ତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସ୍ୱାମୀଙ୍କୁ ଅନୁସରଣ କରି ରାଜନୀତିରେ ପାଦ ରଖିଛନ୍ତି । ଏ ସୋନିଆ ଗାନ୍ଧୀ ବର୍ତ୍ତମାନ ବିଜେପି ପ୍ରାର୍ଥୀ ଭାବେ ଟିକେଟରେ ନିର୍ବାଚନ ଲଢୁଛନ୍ତି । କିନ୍ତୁ ତାଙ୍କ ସ୍ୱାମୀ ସୁଭାଷ ଏବେ ପଞ୍ଚାୟତର ଜେନେରଲ ସେକ୍ରେଟାରୀ ଭାବେ କାମ କରୁଛନ୍ତି । ପୂର୍ବରୁ କିନ୍ତୁ ସେ ପୁରୁଣା ମୁନ୍ନାର ମୂଳକ୍କଡା ୱାର୍ଡରେ ବିଜେପି ପ୍ରାର୍ଥୀ ଭାବରେ ଏକ ଉପନିର୍ବାଚନ ଲଢ଼ିଥିଲେ । ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ସୋନିଆ ଗାନ୍ଧୀ ଥିବା ବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କଂଗ୍ରେସ ପ୍ରାର୍ଥୀ ମଞ୍ଜୁଳା ରମେଶ । ସୋନିଆ ଗାନ୍ଧୀଙ୍କ ପ୍ରାର୍ଥିତ୍ୱରୁ ସେମାନେ ଏକ ଅଜବ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । କାହିଁକିନା ତାଙ୍କ ନାଁ ହିଁ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି । ସୋନିଆ ଗାନ୍ଧୀ ନାଁଟି ହିଁ ଚର୍ଚ୍ଚା ସୃଷ୍ଟି କରୁଛି । ଯାହାକୁ ନେଇ ସମସ୍ତେ ଆଲୋଚନା କରୁଛନ୍ତି । କାରଣ କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ସର୍ବାଧିକ ସମୟ କଂଗ୍ରେସ ଦଳର ସଭାପତି ରହିଥିବା ସୋନିଆ ଗାନ୍ଧୀଙ୍କୁ ବା କିଏ ନଜାଣେ । ତେଣୁ ତାଙ୍କ ନାମରେ ଆଉ ଜଣେ ଯେତେବେଳେ ରାଜନୀତି ମଇଦାନକୁ ଆସିଛନ୍ତି ଚର୍ଚ୍ଚା ହେବା ତ ସ୍ୱାଭାବିକ ।

## ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ ମିଳିବନି ଏସସି ସୁବିଧା:ଆହ୍ଲାବାଦ ହାଇକୋର୍ଟଙ୍କ ରାୟ



ଲକ୍ଷ୍ନୌ: ଧର୍ମାନ୍ତରୀକରଣ ପରେ ମଧ୍ୟ ଅନୁସୂଚିତ ଜାତି(ଏସସି)ର ମାନ୍ୟତା ବଜାୟ ରଖିବାକୁ ଆହ୍ଲାବାଦ ହାଇକୋର୍ଟ 'ସମ୍ବିଧାନ ପ୍ରତି ପ୍ରତାରଣା' ବୋଲି ବର୍ଣ୍ଣନା କରିଛନ୍ତି। ଧର୍ମାନ୍ତରୀକରଣ ପରେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିମାନେ ଯେପରି ସୁପ୍ରିମକୋର୍ଟ ଅଧୀନରେ ଉପଲବ୍ଧ ସୁବିଧାର ଲାଭ ନ ପାଆନ୍ତି ତାହା ନିଶ୍ଚିତ କରିବାକୁ ହାଇକୋର୍ଟ ଉତ୍ତର ପ୍ରଦେଶର ସମଗ୍ର ପ୍ରଶାସନିକ କଳକୁ ନିର୍ଦ୍ଦେଶ ଦେଇଛନ୍ତି। ସଂଖ୍ୟାଲଘୁ ସ୍ଥିତି ଏବଂ ଅନୁସୂଚିତ ଜାତି ସ୍ଥିତି ମଧ୍ୟରେ ପାର୍ଥକ୍ୟକୁ କଡ଼ାକଡ଼ି ଲାଗୁ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଆହ୍ଲାବାଦ ହାଇକୋର୍ଟ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏପରି ମାମଲା ଚିହ୍ନଟ କରିବା ଏବଂ ଆଇନ ଅନୁଯାୟୀ ସେଗୁଡ଼ିକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋର୍ଟ ଚାରି ମାସର ସମୟସୀମା ମଧ୍ୟ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ପ୍ରବୀଣ କୁମାର ଗିରି ଜିତେନ୍ଦ୍ର ସାହାଣୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାଏର ଏକ ଆବେଦନକୁ ଖାରଜ କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ହିନ୍ଦୁ ଦେବଦେବୀଙ୍କୁ ଉପହାସ କରିବା ଏବଂ ଶତ୍ରୁତାକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ଅଭିଯୁକ୍ତ ସାହାଣୀ ତାଙ୍କ ଜମିରେ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ପ୍ରଚାର କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ମାଗିଥିଲେ ଏବଂ ତାଙ୍କୁ ଏହି ମାମଲାରେ ମିଥ୍ୟା ଭାବରେ ଫସାଇ ଦିଆଯାଇଥିଲା ବୋଲି ଦର୍ଶାଇ ଚାର୍ଜସିଟ୍ ଖାରଜ କରିବାକୁ ଆବେଦନ କରିଥିଲେ।

ନଭେମ୍ବର ୨୧ ତାରିଖରେ ଶୁଣାଣି ସମୟରେ, କୋର୍ଟ ଆବେଦନର ସମର୍ଥନରେ ଦାଖଲ ହୋଇଥିବା ସତ୍ୟପାଠ ଯାଞ୍ଚ୍ କରିଥିଲେ ଏବଂ ଜାଣିପାରିଥିଲେ ଯେ, ଆବେଦନକାରୀ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ସତ୍ୟପାଠରେ ତାଙ୍କର ଧର୍ମ ହିନ୍ଦୁ ବୋଲି ଉଲ୍ଲେଖ କରିଛନ୍ତି।

କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ଧର୍ମାନ୍ତରୀକରଣ ପୂର୍ବରୁ ଆବେଦନକାରୀ ଅନୁସୂଚିତ ଜାତି ସମ୍ପ୍ରଦାୟର ଥିଲେ ଏବଂ ସତ୍ୟପାଠରେ ତାଙ୍କର ଧର୍ମ ହିନ୍ଦୁ ବୋଲି ଉଲ୍ଲେଖ କରିଥିଲେ।

## ରାଜନାଥ ସିଂହଙ୍କ ବଡ଼ ଦାବି: ନେହେରୁ ସରକାରୀ ଟଙ୍କାରେ ବାବ୍ରି ମସଜିଦ୍ ନିର୍ମାଣ କରିବାକୁ ଚାହୁଁଥିଲେ



ବଡ଼ୋଦରା: ବଡ଼ୋଦରା ନିକଟସ୍ଥ ସାଧଲି ଗାଁରେ ଏକ ସମାବେଶକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସରକାରୀ ପାଣ୍ଠିରେ ବାବ୍ରି ମସଜିଦ୍ ନିର୍ମାଣ କରିବାକୁ ଚାହୁଁଥିଲେ। ରାଜନାଥ ସିଂହଙ୍କ ଅନୁସାରେ,ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ପ୍ରସ୍ତାବକୁ ଦୃଢ଼ ବିରୋଧ କରିଥିଲେ ଏବଂ ଏହାକୁ ବନ୍ଦ କରିଥିଲେ।

ଏହି ମନ୍ତବ୍ୟ ସହିତ,ରାଜନାଥ ସିଂହ ନେହେରୁ ଏବଂ ପଟେଲଙ୍କ ମତରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରକାଶ କରିଛନ୍ତି। ରାଜନାଥ ସିଂହ କହିଛନ୍ତି, ପଟେଲ ଧାର୍ମିକ ନିର୍ମାଣ ପାଇଁ ସାଧାରଣ ପାଣ୍ଠି ବ୍ୟବହାରକୁ ସ୍ପଷ୍ଟ ଭାବରେ ନିଷେଧ କରିଥିଲେ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପ୍ରକୃତ ଧର୍ମନିରପେକ୍ଷତା ସେଠାରେ ବିଦ୍ୟମାନ ଯେଉଁଠାରେ ଜନସାଧାରଣଙ୍କ ଭାବନାକୁ ସମ୍ମାନ ଦିଆଯାଇଥାଏ ଏବଂ ତୁଷ୍ଟିକରଣ ରାଜନୀତିକୁ ଏଡାଇ ଦିଆଯାଏ। ରାମ ମନ୍ଦିର ଏବଂ ସୋମନାଥ ମନ୍ଦିରର ପୁନଃନିର୍ମାଣରେ ସରକାରୀ ଟଙ୍କାର ଗୋଟିଏ ଟଙ୍କା ମଧ୍ୟ ବ୍ୟବହୃତ ହୋଇନାହିଁ। ସମଗ୍ର ଖର୍ଚ୍ଚ ଜନସାଧାରଣ ବହନ କରିଛନ୍ତି।

ରାଜନାଥ ସିଂହଙ୍କ ଅନୁସାରେ, ନେହେରୁ ଏବଂ ପଟେଲ ଅନେକ ପ୍ରସଙ୍ଗରେ ଭିନ୍ନ ଥିଲେ। କିନ୍ତୁ ଗାନ୍ଧୀଜୀଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ଯୋଗୁ ପଟେଲ ନେହେରୁଙ୍କ ସହିତ କାମ କରୁଥିଲେ। ପଟେଲ ୧୯୪୬ ମସିହାରେ ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ, କିନ୍ତୁ ସେ କେବେ କ୍ଷମତା ଲୋଭ କରି ନଥିଲେ ଏବଂ ତାଙ୍କର ନାମାଙ୍କନ ପ୍ରତ୍ୟାହାର କରି ନେଇଥିଲେ।

ରାଜନାଥ ସିଂହ ଅଭିଯୋଗ କରିଛନ୍ତି, କିଛି ରାଜନୈତିକ ଶକ୍ତି ସବୁବେଳେ ପଟେଲଙ୍କ ଐତିହ୍ୟକୁ ଦମନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିର୍ମାଣ କରି ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯଦି ପଟେଲଙ୍କ ପରାମର୍ଶକୁ ଧ୍ୟାନ ଦିଆଯାଇଥାନ୍ତା ତେବେ କଶ୍ମୀର ସମସ୍ୟାର ସମାଧାନ ବହୁତ ପୂର୍ବରୁ ହୋଇପାରିଥାନ୍ତା। ପଟେଲ ଆଲୋଚନା ମାଧ୍ୟମରେ ସମାଧାନରେ ବିଶ୍ୱାସ କରୁଥିଲେ। କିନ୍ତୁ ଆବଶ୍ୟକ ହେଲେ ସେ କଠୋର ନିଷ୍ପତ୍ତି ନେବାକୁ ମଧ୍ୟ ପଛଘୁଞ୍ଚା ଦେଉ ନଥିଲେ। ହାଇଦ୍ରାବାଦର ମିଶ୍ରଣ ସମୟରେ ପଟେଲଙ୍କ ଦୃଢ଼ ମନୋଭାବ ଦେଶ ପାଇଁ ଏକ ବଡ଼ ବିଜୟ ଆଣିଥିଲା। ମୋଦୀ ସରକାର ଅପରେସନ ସିନ୍ଦୂର ମାଧ୍ୟମରେ ଏହି ଚିନ୍ତାଧାରା ମଧ୍ୟ ଆଗକୁ ବଢାଇଥିଲେ , ଯାହା ସମଗ୍ର ବିଶ୍ୱରେ ଭାରତର ଶକ୍ତିକୁ ପ୍ରମାଣିତ କରିଥିଲା।

ରାଜନାଥ ସିଂହ କହିଛନ୍ତି,ପଟେଲଙ୍କ ମୃତ୍ୟୁ ପରେ, ଜନସାଧାରଣ ତାଙ୍କ ସ୍ମାରକୀ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ, କିନ୍ତୁ ନେହେରୁ ପରାମର୍ଶ ଦେଇଥିଲେ ଯେ, ଏହି ଟଙ୍କା ଗାଁରେ କୂଅ ଏବଂ ରାସ୍ତା ନିର୍ମାଣରେ ଖର୍ଚ୍ଚ କରାଯିବା ଉଚିତ୍। ରାଜନାଥ ସିଂହ ଏହି ପ୍ରସ୍ତାବକୁ ଅବାନ୍ତର ଏବଂ ଐତିହ୍ୟ ଦମନ ବୋଲି କହିଛନ୍ତି। ସେ ପ୍ରଶ୍ନ କରିଛନ୍ତି, ନେହେରୁ ନିଜେ କାହିଁକି ଭାରତ ରତ୍ନ ପାଇପାରିଲେ, କିନ୍ତୁ ସେତେବେଳେ ପଟେଲଙ୍କୁ କାହିଁକି ସମ୍ମାନିତ କରାଯାଇ ନଥିଲା ?

ରାଜନାଥ ସିଂହଙ୍କ ଏହି ମନ୍ତବ୍ୟ ଆଗାମୀ ରାଜନୈତିକ ବିତର୍କକୁ ଆହୁରି ତୀବ୍ର କରିବାର ସମ୍ଭାବନା ରହିଛି। ତାଙ୍କ ମତରେ, ପଟେଲ ସର୍ବଦା ଜାତୀୟ ସ୍ୱାର୍ଥ, ଜାତୀୟ ଏକତା ଏବଂ ନିରପେକ୍ଷ ଧର୍ମନିରପେକ୍ଷତାରେ ଏକ ଦୃଢ଼ ଭୂମିକା ଗ୍ରହଣ କରିଥିଲେ।

# କୋହଲି-ଗାଏକ୍ୱାଡଙ୍କ ଶତକ ସତ୍ତ୍ୱେ ହାରିଲା ଭାରତ

ରାୟପୁର,୩।୧୨: ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ।ରେ ଭାରତର ପରାଜୟ ୪ ଓ୍ୱିକେଟ୍ରେ ଜିତିଲା ଦକ୍ଷିଣ ଆ।ଫ୍ରିକା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ଓ୍ୱିକେଟ୍ ହରାଇ ୩୫୮ ରନ କରିଥିଲା ଯାହାକୁ

## ମାକ୍ରମଙ୍କ ଶତକ

### ଭାରତ ୩୫୮/୫
### ଦ. ଆଫ୍ରିକା ୩୬୨/୬



ଭ୍ରମଣକାରୀ ଦଳ ୪୯.୨ ଓଭରରେ ୬ ଓ୍ୱିକେଟ୍ ହରାଇ ହାସଲ କରି ନେଇଛି । ଆ।ଡନ ମାରକ୍ରମଙ୍କ ୧୧୦ ରନ ସହ ମାଥ୍ୟୁ ବ୍ରିଟଜକେ ଓ ଡିଓ୍ୱାର୍ଲ୍ଡ ବ୍ରେଭିସଙ୍କ ଅର୍ଦ୍ଧଶତକ ଦକ୍ଷିଣ ଆ।ଫ୍ରିକାକୁ ବିଜୟୀ କରାଇଛି ।ଫଳରେ ଦକ୍ଷିଣ ଆ।ଫ୍ରିକା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜକୁ ୧-୧ରେ ବରାବର କରିଛି । ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଡିସେମ୍ବର ୬ରେ ବିଶାଖାପଟନମରେ ଖେଳାଯିବ।

୩୫୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆ।ଫ୍ରିକାକୁ ୨୬ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା କ୍ୱିଣ୍ଟନ ଡିକକ୍(୮) ପୁଣି ଥରେ ନିରାଶ କରିଥିଲେ । ଏହାପରେ ଆ।ଡନ ମାରକ୍ରମ ଓ ଅଧିନାୟକ ତେମ୍ବା ବାଭୁମା ଭାରତୀୟ ବୋଲରଙ୍କ ଉପରେ ପାଲଟା ଆ।କ୍ରମଣ କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ଓ୍ୱିକେଟ୍ ପାଇଁ ୧୦୧ ରନ ଯୋଡ଼ିଥିଲେ ତେମ୍ବା ବାଭୁମା ୪୬ ରନର ଅଧିନାୟକ୍ ଇନିଂସ ଖେଳିଥିଲେ। ଗୋଟିଏ ପଟୁ ଆ।ଡନ ମାରକ୍ରମ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ ସେ ଏବଂ ମାଥ୍ୟୁ ବ୍ରିଟଜକେ ଦ୍ରୁତ ଗତିରେ ବ୍ୟାଟିଂ କରିଁ ଦଳର ସ୍ଥିତି ମଜବୁତ କରିଥିଲେ ଆ।ଡନ ମାରକ୍ରମ ଦମଦାର ବ୍ୟାଟିଂ କରି ଦିନିକିଆ। କ୍ୟାରିୟରରେ ଚତୁର୍ଥ ଶତକ ହାସଲ କରିଥିଲେ ସେ ଓ ବ୍ରିଟଜକେ ୭୦ ରନ ଯୋଡ଼ିଥିଲେ ।ମାରକ୍ରମ ୯୮ ବଲରୁ ୧୦ ଚୌକା ଓ ୪ ଛକା ସହ ୧୧୦ ରନ କରିଥିଲେ ।ଏହାପରେ ପୁଣି ବ୍ରିଟଜକେ ଓ ଡିଓ୍ୱାର୍ଲ୍ଡ ବ୍ରେଭିସ ୯୨ ରନ ଯୋଡ଼ି ଦକ୍ଷିଣ ଆ।ଫ୍ରିକାର ବିଜୟ ଆ।ଶା ଉଜ୍ଜିବୀତ ରଖିଥିଲେ। ବିଶେଷ କରି ବ୍ରେଭିସ ଦ୍ରୁତ ବ୍ୟାଟିଂ କରି ୩୪ ବଲରୁ ୧ ଚୌକା ଏବଂ ୫ ଛକା ସହ ୫୪ ରନର ଇନିଂସ ଖେଳି ଦକ୍ଷିଣ ଆ।ଫ୍ରିକାକୁ ବିଜୟର ନିକଟତର କରାଇଥିଲେ ।ଏହା ପରେ କ୍ରିଜରେ ଜମିଥିବା ମାଥ୍ୟୁ ବ୍ରିଟଜକେଙ୍କୁ ଆ।ଉଟ୍ କରି ମ୍ୟାଚରେ ଭାରତ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ବ୍ରିଟଜକେ ୬୮ ରନର ଉପଯୋଗୀ ଇନିଂସ ଖେଳିଥିଲେ କୋର୍ବିନ ବୋଶ ୨୯ ରନ କରି ମ୍ୟାଚକୁ ଜିତାଇଛନ୍ତି ଦକ୍ଷିଣ ଆ।ଫ୍ରିକା ମ୍ୟାଚକୁ ୪ ଓ୍ୱିକେଟରେ ଜିତିବା ସହ ଇତିହାସ ରଚିଛି।

ଟସ୍ ହାରି ରାୟପୁରରେ ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଆରମ୍ଭରୁ ରୋହିତ ଶର୍ମା(୧୪) ଓ ଯଶସ୍ୱୀ ଜୈସୱାଲ(୨୨)ଙ୍କୁ ହରାଇ ଥିଲା। ୧୦ ଓଭର ମଧ୍ୟରେ ଉଭୟ ପ୍ୟାଭିଲିୟନ ଫେରିଥିଲେ। ଏହି ସମୟରେ ଭାରତ ସ୍କର ୬୪ ରହିଥିଲା। ଏତିକି ବେଳେ ଗାଏକ୍ୱାଡ ଓ ବିରାଟ ସ୍ଥିତି ସମ୍ଭାଳି ତୃତୀୟ ଓ୍ୱିକେଟ ୧୯୫ ରନ ଯୋଡିଥିଲେ। ଗାଏକ୍ୱାଡ ୭୭ ବଲରେ ନିଜର ମେଡେନ ଶତକ ହାସଲ କରିଥିଲେ। ଏହାପରେ ବିରାଟ ୯୦ ବଲରୁ ହାସଲ କରିଥିଲେ ନିଜର ୫୩ତମ ଦିନିକିଆ ସେଞ୍ଚୁରୀ। ଦଳୀୟ ସ୍କର ୨୫୭ ଥିବା ବେଳେ ଗାଏକ୍ୱାଡ ୧୦୫ ରନ କରି ମାର୍କ ୟାନସେନଙ୍କ ବଲରେ ଆଉଟ ହୋଇଥିଲେ। ସେହିପରି ଦଳୀୟ ସ୍କର ୨୮୪ ଥିବା ବେଳେ ପ୍ୟାଭିଲିୟନ ଫେରିଥିଲେ ବିରାଟ। ଏହାର ଆଉ ୫ ରନ ପରେ ରନ ଆଉଟ ହୋଇଯାଇଥିଲେ ଓ୍ୱାଶିଂଟନ ସୁନ୍ଦର। ତେବେ ଅଧିନାୟକ ରାହୁଲ ଓ ଅଭିଜ୍ଞ ରବୀନ୍ଦ୍ର ଜାଡେଜା ସ୍ଥିତି ସମ୍ଭାଳିଥିଲେ। ରାହୁଲ ବଡବଡ ଶଟ ଖେଳି ୩୩ ବଲରେ ନିଜ ଦିନିକିଆ କ୍ୟାରିୟରର ଆଉ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଜାଡେଜା ମଧ୍ୟ ତାଙ୍କୁ ପୂରା ସାଥ ଦେଇଥିଲେ। ଉଭୟ ୪୭ ବଲରେ ୫୦ ରନର ଭାଗିଦାରୀ ମଧ୍ୟ କରିଥିଲେ। ୪୮ ଓଭର ଶେଷ ସୁଦ୍ଧା ଭାରତର ସ୍କର ୩୩୬ରେ ପହଞ୍ଚି ଯାଇଥିଲା। ୪୯ତମ ଓଭର ବୋଲିଂ କରୁଥିବା ଲୁଙ୍ଗି ଏନଗିଡି ବେଶ ଚମତ୍କାର ପ୍ରଦର୍ଶନ କରି କେବଳ ୪ ରନ ଖର୍ଚ୍ଚ କରିଥିଲେ। ରାହୁଲ କିମ୍ବା ଜାଡେଜା ବଡ ଶଟ ଖେଳିବାକୁ ସକ୍ଷମ ହୋଇ ନଥିଲେ।





ଶେଷ ଓଭର ନେଇ ଆସିଥିଲେ କୋର୍ବିନ ବଚ୍। ସାମ୍ନାରେ ଥିଲେ କେଏଲ ରାହୁଲ। ସେ ପ୍ରଥମ ବଲରେ ଲେଗ ବାଇ ରୂପରେ ୧ ରନ ପାଇଥିଲେ। ଦ୍ୱିତୀୟ ବଲରେ ଜାଡେଜା ମାରିଥିଲେ ଚୌକା। ତୃତୀୟ ବଲରେ ଜାଡେଜା ୧ ରନ ନେବାରୁ ଷ୍ଟ୍ରାଇକକୁ ଫେରିଥିଲେ ରାହୁଲ। ସେ ୪ର୍ଥ ବଲରେ ଚୌକା ମାରି ଦଳୀୟ ସ୍କରୁ ୩୫୦ରେଆ ପହଞ୍ଚାଇଥିଲେ। ୫ମ ବଲରେ ରାହୁଲ ଗୋଟିଏ ବିଶାଳ ଛକା ମାରି ନିଜର ଆକ୍ରମଣାତ୍ମକ ରୂପ ଦେଖାଇଥିଲେ। ଶେଷ ବଲରେ ୨ ରନ ହେବାରୁ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଓ୍ୱିକେଟ ହରାଇ ୩୫୮ ରନ କରିବାକୁ ସକ୍ଷମ ହୋଇଛି। ରାହୁଲ ଶେଷ ଯାଏ ୬୬ ଓ ଜାଡେଜା ୨୭ ବଲରେ ୨୪ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କ ୟାନସେନ ୨ଟି ଓ୍ୱିକେଟ ନେଇଥିବା ବେଳେ ନାନ୍ଦ୍ରେ ବର୍ଗର ଓ ଲୁଗି ଏନଗିଡି ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ଗୋଟିଏ ଓ୍ୱିକେଟ ରନ ଆଉଟରୁ ମିଳିଛି।

## ଅଲୋଡ଼ା ରେକର୍ଡ

ରାୟପୁର: ଟିମ୍ ଇଣ୍ଡିଆ। ପୁଣିଥରେ ଟସ୍ ହାରିଛି । ଦିନିକିଆ। ଅଧିନାୟକ ଶୁବମନ ଗିଲ୍ଙ୍କ ଆଘାତ ଯୋଗୁ, କେଏଲ ରାହୁଲଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ଅଧିନାୟକମାନେ ବଦଳୁଥିଲେ ମଧ୍ୟ ଦଳର ଭାଗ୍ୟ ଅପରିବର୍ତ୍ତିତ ରହିଛି। ଭାରତୀୟ ଦଳ ଦିନିକିଆ। ଆ।ନ୍ତର୍ଜାତୀୟ ମ୍ୟାଚ୍ରେ ଲଗାତାର ୨୦ତମ ଟସ୍ ହାରିଛି। ଯାହା ଏକ ବିଶ୍ ରେକର୍ଡ। ଇତିହାସରେ କୌଣସି ଦଳ ଏତେ ଥର ଲଗାତାର ଟସ୍ ହାରି ନାହାନ୍ତି ।ଭାରତୀୟ ଦଳର ପରାଜୟ ଧାରା ୨୦୨୩ ବିଶ୍ୱକପ୍ ଫାଇନାଲରୁ ଆ।ରମ୍ଭ ହୋଇଥିଲା, ଏବଂ ଦୁଇ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଏହା ଶେଷ ହୋଇ ନାହିଁ ।ରୋହିତ ଶର୍ମା ସେତେବେଳେ ଦଳର ନେତୃତ୍ୱ ନେଉଥିଲେ, ଏବଂ ତାଙ୍କ ଅଧିନାୟକତ୍ୱରେ ଭାରତ ଚମ୍ପିଅନ୍ସ ଟ୍ରଫିରେ ଗୋଟିଏ ବି ଟସ୍ ଜିତିପାରି ନଥିଲା। ପରବର୍ତ୍ତୀ ସମୟରେ, ଶୁବମନ ଗିଲ୍ଙ୍କ ଭାଗ୍ୟ ମଧ୍ୟ ତାଙ୍କୁ ବିଫଳ କରିଥିଲା। ସେ ଗୋଟିଏ ବି ଟସ୍ ଜିତିପାରିନଥିଲେ। ଏବେ, କେଏଲ ରାହୁଲଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ। ଲଗାତାର ଦୁଇଟି ଟସ୍ ହାରିଛି ଏହା ଦିନିକିଆ। ଆ।ନ୍ତର୍ଜାତୀୟ କ୍ରିକେଟରେ ଭାରତର କ୍ରମାଗତ ୨୦ତମ ପରାଜୟ ଯାହା ଏକ ବିଶ୍ ରେକର୍ଡ ଗୁଗୁଲ୍ ଜେମିନି ତଥ୍ୟ ଅନୁଯାୟୀ, ଏଭଳି ଦୁର୍ଭାଗ୍ୟ ୧୦ ଲକ୍ଷ ୪୮ ହଜାରରେ ଗୋଟିଏ ହୋଇଥାଏ ଏହା ପୂର୍ବରୁ ଅନ୍ୟ କୌଣସି ଦଳ ସହିତ କେବେ ଏଭଳି ଘଟିନାହିଁ ।ରାୟପୁରରେ ଟସ୍ ହାରିବା ପରେ ଟିମ୍ ଇଣ୍ଡିଆ।ର ଅଧିନାୟକ କେଏଲ ରାହୁଲ ମଧ୍ୟ ଚାପଗ୍ରସ୍ତ ଦେଖାଯାଇଥିଲେ ସେ ନିଜେ ଏହା ସ୍ୱୀକାର କରି କହିଥିଲେ, ସତ କହିବାକୁ ଗଲେ, ବହୁତ ଦିନ ଧରିଆ।ମେ ଏକଦିବସୀୟ ମ୍ୟାଚ୍ରେ ଟସ୍ ଜିତିନାହୁଁ, ତେଣୁ ମୋ ଉପରେ ଟସ୍ ଜିତିବା ପାଇଁ ବହୁତ ଚାପ ଥିଲା। ମୁଁ ଏଥିପାଇଁ ଅଭ୍ୟାସ କରୁଥିଲି, କିନ୍ତୁ ଏହାର କୌଣସି ପ୍ରଭାବ ସ୍ପଷ୍ଟ ଭାବରେ ପଡ଼ିନଥିଲା।

# ବାରବାଟୀ ମ୍ୟାଚ୍ ପାଇଁ ସୁରକ୍ଷା କଡ଼ାକଡ଼ି





କଟକ,୩।୧୨: ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ରେ ହେବାକୁ ଥିବା ଭାରତ-ଦକ୍ଷିଣ ଆ।ଫ୍ରିକ ଟି-୨୦ ମ୍ୟାଚ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ପାଇଁ କଟକ କମିସନରେଟ୍ ପୁଲିସ ଏଥର ବଡ଼ ପ୍ରସ୍ତୁତି କରିଛି । ଏହାରି ଭିତରେ ଆ।ଜି ଓ ଆ।ସନ୍ତାକାଲି ଦୁଇଦିନ ଓସିଏ ଅନୁବନ୍ଧିତ ସଂସ୍ଥାକୁ ଟିକେଟ୍ ବିକ୍ରି କରାଯିବ। ୧୧ ହଜାର ଟିକେଟ୍ ବିକ୍ରି କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୫ ତାରିଖ ଦିନ ୧୦ଟାରୁ କାଉଣ୍ଟର୍ରେ ସାଧାରଣ ଦର୍ଶକଙ୍କ ପାଇଁ ଟିକଟ ବିକ୍ରି କରାଯିବ । ଏଥିପାଇଁ କମିସନରେଟ୍ ପୁଲିସ ୪ ତାରିଖ ସନ୍ଧ୍ୟାରୁ ସେଠାରେ ଫୋର୍ସ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି । ମୋଟ ୪୦ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହେବାକୁ ଥିବା ବେଳେ ପ୍ରତି

## ମୁତୟନ ହେବେ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ

## ଦୁଇଦିନ ଓସିଏ ଅନୁବନ୍ଧିତ ସଂସ୍ଥାକୁ ଟିକେଟ୍ ବିକ୍ରି

## ୫ରେ ସାଧାରଣ ଦର୍ଶକଙ୍କ ପାଇଁ ଟିକଟ ବିକ୍ରି

ସିଫ୍ଟରେ ୨୮ ପ୍ଲାଟୁନ୍ ଫୋର୍ସ ରହିବେ। ୬ ଜଣ ଏଡିସିପି, ୧୫ ଏସିପି, ଇନ୍ସପେକ୍ଟର ୪୦ ଜଣ, ଏସ୍ଆ।ଇ ଓ ଏଏସ୍ଆ।ଇ ୧୫୦ ଜଣ ନିୟୋଜିତ ହେବେ ।

ସେହିଭଳି ସ୍ପେଶାଲ ଏନ୍କ୍ଲୋଜର, ଏସି ବକ୍ସ, କର୍ପୋରେଟ୍ ବକ୍ସ ଇତ୍ୟାଦି ପାଇଁ ହର୍ସଗେଟ୍ ନିକଟରେ ଟିକେଟ ବିକ୍ରି ହେବ। ଏଠି ଗୋଟିଏ ପୁରୁଷ ଓ ଗୋଟିଏ ମହିଳାଙ୍କ ପାଇଁ କାଉଣ୍ଟର୍ ରହିବ। କାଉଣ୍ଟର୍ ଗୁଡ଼ିକରେ ଅଧିକ ବ୍ୟାରିକେଡ୍ ସହିତ ଯେଭଳି ଟିକଟ କଳାବଜାର ନହୁଏ ସେଥିପାଇଁ ପ୍ରାୟ ୫୦ ସିସି କ୍ୟାମେରା ଲାଗିବ । ଏହି କ୍ୟାମେରାଗୁଡ଼ିକ କଣ୍ଟ୍ରୋଲ ରୁମ୍ ସହିତ ସଂଯୋଗ କରାଯାଇ ସେଠାରୁ ନିୟନ୍ତ୍ରଣ କରାଯିବ ପୁଲିସ ସହିତ ମେଡିକାଲ୍ ଟିମ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ହେବେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ। ଟିମ୍ ନିୟୋଜିତ ହେବେ ଏଥିରେ ଗୋଟିଏ ଅଗ୍ନିଶମ ଗାଡ଼ି ରହିବ। ହଜାରହଜାର କ୍ରୀଡ଼ା ପ୍ରେମୀ ଏକାଠି ହେବାକୁ ଥିବା ବେଳେ କୌଣସି ଅଘଟଣ ଏଡ଼ାଇବାକୁ ଉଭୟ ଅଗ୍ନିଶମ ଓ ଡାକ୍ତରୀ ଟିମ୍ ସଜାଗ ରହିବା ନେଇ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

ଆ।ସନ୍ତା ୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ଉଭୟ ଭାରତ ଓ ଦକ୍ଷିଣ ଆ।ଫ୍ରିକା ଦଳ ୮ ତାରିଖ ଅପରାହ୍ଣରେ ବାରବାଟୀରେ ଅଭ୍ୟାସ କରିବେ। ପୁଣି ରାତିରେ ଫେରି ମେ ଫେୟାର ହୋଟେଲରେ ରହିବେ ୯ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଖେଳାଳିମାନେ ପୁଣି କଟକ ଅଭିମୁଖେ ବାହାରିବେ। ସେମାନେ ଯିବାଆ।ସିବା ସମୟରେ ସମସ୍ତ ଛକରେ ଲୋକଙ୍କ ଯାତାୟାତକୁ ରୋକାଯିବ ରାସ୍ତାର ଦୁଇପାର୍ଶ୍ୱରେ ପୋଲିସ ମୁତୟନ ରହିବେ। ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ, ବିଶେଷକରି ବିମାନବନ୍ଦର, ମେ ଫେୟାର ହୋଟେଲ, ଫ୍ୟାନ୍ ଜୋନ ଏବଂ ଷ୍ଟାଡିୟମରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ଖେଳାଳିଙ୍କ ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ। ଷ୍ଟାଡିୟମ ଭିତରକୁ ପାଣି ବୋତଲ, କଏନ, କଲମ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେବାକୁ ବାରଣ କରାଯାଇଛି ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଦାୟିତ୍ୱ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ତଦାରଖ କରୁଛନ୍ତି ଏହି ବୈଠକରେ ପୋଲିସ କମିଶନର ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା, ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ସିଆ।ଇଏସ୍ଏଫ୍ର କମାଣ୍ଡାଣ୍ଟ ରାକେଶ ଚୌଧୁରୀ ଏବଂ ଓଡ଼ିଶା ଅଲିମ୍ପିକ ଆ।ସୋସିଏଶନ ସଚିବ ଅଭିଜିତ ପଲ୍ ବୈଠକରେ ଉପସ୍ଥିତ ରହିଥିଲେ। ତେଣୁ ଖେଳାଳିମାନେ ବିମାନବନ୍ଦରରେ ପହଞ୍ଚିବାଠାରୁ ହୋଟେଲ୍ରେ ରହିବା, ହୋଟେଲ୍ରୁ ବାରବାଟୀ ଯିବା ଓ ଫେରିବା ସମୟରେ ସୁରକ୍ଷା ବ୍ୟବସ୍ଥା ସହ ଏହି ଟି-୨୦ ମ୍ୟାଚ୍କୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ କମିସନରେଟ୍ ପୁଲିସ ଅଣ୍ଟା ଭିଡ଼ିଛି ।ଏନେଇ କମିସନରେଟ୍ ପୁଲିସ ପକ୍ଷରୁ ପୁଲିସ ପ୍ରସ୍ତୁତି ବୈଠକ ହୋଇଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହଙ୍କ ଅଧକ୍ଷତାରେ ବସିଥିଲା ବୈଠକ।

## ଆଦିବାସୀ ଝିଅ ଜାତୀୟସ୍ତରର ତୀରନ୍ଦାଜ

ଭୁବନେଶ୍ୱର,୩।୧୨ : କଳାହାଣ୍ଡି ଜିଲ୍ଲାର ଚନାଲିମା ଗାଁର ଆ।ଦିବାସୀ ଝିଅ ରଚନା ଆ।ଜି ଜାତୀୟ ସ୍ତରର କ୍ରୀଡାବିତ। ଏକଦା ବିଦ୍ୟାଳୟ, ଘର କାମ ଏବଂ ତାଙ୍କ ମାଆ।ଙ୍କୁ ସେମାନଙ୍କର ଛୋଟ ଚାଷଜମିରେ ସାହାଯ୍ୟ କରିବା ଚାରିପଟେ ଘୂରି ବୁଲୁଥିବା ଏହି ୧୭ ବର୍ଷୀୟା ରଚନା ରାଜ୍ୟର ସବୁଠାରୁ ପ୍ରତିଭାବାନ ଯୁବ ତୀରନ୍ଦାଜଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି।

୨୦୨୨ ରେ, ସେ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ରୌପ୍ୟ ଜିତିଥିଲେ, ଯାହା ତାଙ୍କର ପ୍ରଥମ ପ୍ରମୁଖ ସଫଳତା ୨୦୨୪ ସୁଦ୍ଧା,



ସେ ବିଦ୍ୟାଳୟ ସ୍କୁଲ ଷ୍ଟେଟ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ଆ।ଉ ଏକ ରୌପ୍ୟ ହାସଲ କରିଥିଲେ । ୨୦୨୫ ରେ, ସେ ଏସ୍.ଜି.ଏଫ୍.ଆ।ଇ. ପରିଷଦ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ହାସଲ କରିଥିଲେ, ତା 'ପରେ ସବ୍-ଜୁନିଅର୍ ଜାତୀୟ ଚାମ୍ପିଅନସିପ୍ ପାଇଁ ଚୟନ କରାଯାଇଥିଲା, ଯାହା ଜାତୀୟ ମଞ୍ଚରେ ତାଙ୍କର ଆଗମନକୁ ଚିହ୍ନିତ କରିଥିଲା । ୨୦୧୮ ରେ ଲାଞ୍ଜିଗଡ଼ରେ ଆ।ରମ୍ଭ ହୋଇଥିବା ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ କାର୍ଯ୍ୟକ୍ରମ ବର୍ତ୍ତମାନ ୩୦୦ ରୁ ଅଧିକ ଗ୍ରାମୀଣ ଏବଂ ଆ।ଦିବାସୀ ପିଲାମାନଙ୍କୁ ତାଲିମ ଦେଉଛି ।

# ଟି-୨୦ ଦଳକୁ ଫେରିଲେ ଗିଲ ଓ ପାଣ୍ଡ୍ୟା

ମୁମ୍ବାଇ,୩।୧୨: ଦକ୍ଷିଣ ଆଫ୍ରିକା ବିପକ୍ଷ୫ ଟିକିଆ ଟି-୨୦ ସିରିଜ ପାଇଁ ଘୋଷଣା ହୋଇଛି ଭାରତୀୟ ସ୍କ୍ୱାଡ। ଆହତ ସମସ୍ୟା ଯୋଗୁ ଟେଷ୍ଟ ଓ ଦିନିକିଆ ସିରିଜରୁ ବାଦ ପଡିଥିବା ଦଳର ଉପ ଅଧିନାୟକ ଶୁବମନ ଗିଲ୍ଙ୍କ କମବ୍ୟାକ ହୋଇଛି। ସେହିପରି ଏସିଆ କପ ଫାଇନାଲ ପୂର୍ବରୁ ଆହତ ହୋଇଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଭାରତୀୟ ଟି-୨୦ ସେଟଅପକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଡିସେମ୍ବର ୯ରେ କଟକରେ ସିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିପରି ଡିସେମ୍ବର ୧୯ରେ ଗୁଜରାଟର ଅହମଦାବାଦରେ ଦୁଇ ଦଳ ଶେଷ ଟି-୨୦ ମ୍ୟାଚ୍ ଖେଳିବେ ।ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଦଳ ଏହି ସିରିଜ ଖେଳିବାକୁ ଥିବା ବେଳେ ଗିଲ ଉପ ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। କିନ୍ତୁ ତାଙ୍କ ଫିଟନେସ ଉପରେ ସବୁ କିଛି ନିର୍ଭର କରେ ।ବିସିସିଆଇ ସୂତ୍ରରେ କୁହାଯାଇଛି ଯେ "ଗିଲ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇଛନ୍ତି। ସେ ଦଳକୁ ପୂର୍ବଭଳି ଉପ ଅଧିନାୟକ ଭାବେ କମବ୍ୟାକ କରିଛନ୍ତି। କିନ୍ତୁ ସେ ମ୍ୟାଚ୍ ଖେଳିବାକୁ କେତେ ଫିଟ ତାହା ଠିକଣା ସମୟରେ ହିଁ ଜଣାପଡିବ।" ଆସନ୍ତାବର୍ଷ ଫେବୃଆରୀରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଏହାପୂର୍ବରୁ ଭାରତୀୟ ଟିମ ନିଜର ସବୁ ପ୍ରସ୍ତୁତି ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

ଗିଲ ଓ ପାଣ୍ଡ୍ୟାଙ୍କ ସହ ଟି-୨୦ରେ ଯଶପ୍ରୀତ ବୁମ୍ରା ମଧ୍ୟ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ବୁମ୍ରାଙ୍କ ବ୍ୟତୀତ ହର୍ଷିତ ରାଣା ଓ ଅର୍ଶଦୀପ ସିଂହ ମଧ୍ୟ ଦ୍ରୁତ ବୋଲର ଭାବେ ଦଳରେ ରହିଛନ୍ତି। ସ୍ପିନର ଭାବେ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଓ୍ୱାଶିଂଟନ ସୁନ୍ଦରଙ୍କୁ ସ୍କ୍ୱାଡରେ ରଖାଯାଇଛି।

ତେବେ ଏସିଆ କପ ଫାଇନାଲରେ ବିଜୟ ଚୌକା ମାରିଥିବା ରିଙ୍କୁ ସିଂହ ୧୫ ଜଣିଆ ସ୍କ୍ୱାଡରେ ନାହାନ୍ତି। ଋଷଭ ପନ୍ତଙ୍କୁ ମଧ୍ୟ ଟି-୨୦ ସ୍କ୍ୱାଡରେ ରଖାଯାଇ ନାହିଁ। ଓ୍ୱିକେଟ କିପର ଭାବେ ସଞ୍ଜୁ ସାମସନଙ୍କ ସହ ଜିତେଶ ଶର୍ମା ରହିଛନ୍ତି।

ଭାରତୀୟ ସ୍କ୍ୱାଡ: ସୂର୍ଯ୍ୟ କୁମାର ଯାଦବ, ଶୁବମନ ଗିଲ(ଉପ ଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ସଞ୍ଜୁ ସାମସନ, ଯଶପ୍ରୀତ ବୁମ୍ରା, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ହର୍ଷିତ ରାଣା ଓ ଓ୍ୱାଶିଂଟନ ସୁନ୍ଦର।

## ଦିନିକିଆ ର୍ୟାଙ୍କିଙ୍ଗରେ ଖସିଲେ ଗିଲ୍

ଦୁବାଇ,୩।୧୨: ଗୋଟିଏ ଶତକରେ ବଦଳିଲା ରାଙ୍କିଂ। ପୋଜିସନ ଶୁଭମନ ଗିଲଙ୍କୁ ହଟାଇ ଚତୁର୍ଥ ନମ୍ବର ହାସଲ କରିଲେ କିଙ୍ଗ କୋହଲି ଦ୍ୱାରା ଆ।ସିଥିବା ବ୍ୟାଟିଂ ରାଙ୍କିଂରେ ବର୍ତ୍ତମାନ କୋହଲି ନୂଆ। ରେକର୍ଡ କରିବା ଅଭିମୁଖେ ରହିଛନ୍ତି। ସଦ୍ୟତମ ରାଙ୍କିଂ ଜାରି କରିଛି, ଯେଉଁଥିରେ ବିରାଟ କୋହଲି ବ୍ୟାଟିଂ ରାଙ୍କିଂରେ ଉନ୍ନତି କରିଛନ୍ତି ।ଦକ୍ଷିଣ ଆ।ଫ୍ରିକା ବିପକ୍ଷରେ ଚାଲିଥିବା ସିରିଜର ପ୍ରଥମ ମ୍ୟାଚରେ ବିରାଟ ୧୩୫ ରନର ଏକ ଚମତ୍କାର ଶତକ ହାସଲ କରିଛନ୍ତି ।ବିରାଟ ଏବେ ପୁଣି ଥରେ ବିଶ୍ୱର ନମ୍ବର ।ନ୍ ବ୍ୟାଟ୍ସମ୍ୟାନ୍ ହେବା ପାଇଁ ଗୋଟିଏ ପାଦ ନିକଟତର ହୋଇଛନ୍ତି । ବର୍ତ୍ତମାନ, ରୋହିତ ଶର୍ମା ରେ ନମ୍ବର ଓ୍ୱାନ୍ ବ୍ୟାଟ୍ସମ୍ୟାନ୍ ରହିଛନ୍ତି।

ଦକ୍ଷିଣ ଆ।ଫ୍ରିକା ବିପକ୍ଷରେ ବିରାଟଙ୍କ ଶତକ ତାଙ୍କୁ ଲାଭ ଦେଇଛି, ସେ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି ସେ ଶୁଭମନ ଗିଲଙ୍କୁ ପଛରେ ପକାଇ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ବିରାଟଙ୍କ ରେଟିଂ ପଏଣ୍ଟ ୭୫୧ରେ ପହଞ୍ଚିଛି, ଅନ୍ୟପଟେ ପ୍ରଥମ ରହି ରୋହିତଙ୍କ ରେଟିଂ ପଏଣ୍ଟ ୭୮୩ ରହିଛି। ଏହା ଉଲ୍ଲେଖନୀୟ ଯେ ଏକଦିବସୀୟ ବ୍ୟାଟିଂ ରାଙ୍କିଙ୍ଗର ଶ୍ରେଷ୍ଠ ୧୦ରେ ୪ ଜଣ ଭାରତୀୟ ବ୍ୟାଟ୍ସମ୍ୟାନ୍ ରହିଛନ୍ତି ଏଥିରେ ରୋହିତ ପ୍ରଥମେ ରହିଥିବା ବେଳେ ବିରାଟ କୋହଲି ବର୍ତ୍ତମାନ ଚତୁର୍ଥ ସ୍ଥାନରେ ଅଛନ୍ତି ନିୟମିତ ଭାରତୀୟ ଏକଦିବସୀୟ ଅଧିନାୟକ ଶୁଭମନ ଗିଲ୍ ବର୍ତ୍ତମାନ ପଞ୍ଚମ ସ୍ଥାନରେ ଅଛନ୍ତି ।ଶ୍ରେଷ୍ଠ ୧୦ରେ ଚତୁର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ୍ ଭାବେ ଶ୍ରେୟସ ଆ।ୟର, ନବମ ସ୍ଥାନରେ ରହିଛନ୍ତି।

କୁଲଦୀପ ଯାଦବ ମଧ୍ୟ ଏକଦିବସୀୟ ବୋଲିଂ ରାଙ୍କିଙ୍ଗରେ ଉନ୍ନତି କରିଛନ୍ତି କୁଲଦୀପ ଏବେ ଏକଦିବସୀୟ ବୋଲିଂ ରାଙ୍କିଙ୍ଗରେ ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି ।ବିରାଟ କୋହଲିଙ୍କ କଥା କହିବାକୁ ଗଲେ, ସେ ୨୦୨୧ ପରଠାରୁ ଏକଦିବସୀୟ ରାଙ୍କିଙ୍ଗରେ ବିଶ୍ ନମ୍ବର ୧ ସ୍ଥାନରେ ରହିନାହାଁନ୍ତି ।

## ଯାଜପୁର ଜିଲ୍ଲା ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା

ଯାଜପୁର ରୋଡ଼,୩।୧୨(ସ୍ୱାଧିକାର ନ୍ୟୁଜ୍): ଯାଜପୁର ଜିଲ୍ଲା ଆ।ଥଲେଟିକ୍ ଆ।ସୋସିଏସନ୍ ଆ।ନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ୍ ଠାରେ ଚଳିତ ମାସ ୧୩ ଏବଂ ୧୪ ତାରିଖ ଦୁଇ ଦିନ ବ୍ୟାପି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ଉକ୍ତ ଖେଳର ଖେଳାଳି ଚୟନ କରାଯାଇ ଚଳିତ ୨୭ ତାରିଖ ଠାରୁ ଆ।ରମ୍ଭ ହେବାକୁ ଥିବା ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ଆ।ସୋସିଏସନର ଆ।ଥଲେଟିକ୍ ଟିମ୍ ଅଂଶ ଗ୍ରହଣ କରିବେ । ଉକ୍ତ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବିଭାଗ (ଉଭୟ ବାଳକ ଏବଂ ବାଳିକା)ରେ ଅଂଶ ଗ୍ରହଣ କରିବାକୁ ଆ।ଗ୍ରହୀ ଖେଳାଳୀଙ୍କ ବୟସ ତା-୦୧.୧୨.୨୦୧୧ରିଖ ରୁ ତା-୩୦.୧୧.୨୦୧୩ରିଖ, ୧୬ ବର୍ଷରୁ କମ ବିଭାଗ (ଉଭୟ ବାଳକ ଏବଂ ବାଳିକା) ପାଇଁ ବୟସ ତା-୦୧.୧୨.୨୦୦୯ରିଖ ରୁ ତା-୩୦.୧୧.୨୦୧୧ରିଖ, ୧୮ ବର୍ଷରୁ କମ୍ ବିଭାଗ (ଉଭୟ ବାଳକ ଏବଂ ବାଳିକା) ପାଇଁ ବୟସ ତା-୦୧.୧୨.୨୦୦୭ରିଖ ରୁ ତା-୩୦.୧୧.୨୦୦୯ରିଖ ମଧ୍ୟରେ, ୨୦ ବର୍ଷରୁ କମ୍ ବିଭାଗ (ଉଭୟ ବାଳକ ଏବଂ ବାଳିକା) ପାଇଁ ବୟସ ତା-୦୧.୧୨.୨୦୦୫ରିଖ ରୁ ତା-୩୦.୧୧.୨୦୦୭ରିଖ, ମଧ୍ୟରେ ୨୩ ବର୍ଷରୁ କମ୍ ବିଭାଗ (ଉଭୟ ବାଳକ ଏବଂ ବାଳିକା) ପାଇଁ ବୟସ ତା-୦୧.୧୨.୨୦୦୨ରିଖ ରୁ ତା-୩୧.୧୧.୨୦୦୫ରିଖ ମଧ୍ୟରେ ଏବଂ ସିନିୟର ବିଭାଗ (ଉଭୟ ପୁରୁଷ ଏବଂ ମହିଳା) ପାଇଁ ବୟସ ତା-୩୦.୧୧.୨୦୦୨ରିଖ ପୂର୍ବରୁ ଜନ୍ମ ହୋଇଥିବା ଆ।ବଶ୍ୟକ। ସେହିପରି ତା-୩୦.୧୧.୨୦୧୩ ପରେ ଜନ୍ମ ହୋଇଥିବା ଖେଳାଳୀ ମାନଙ୍କୁ ଅଂଶ ଗ୍ରହଣ କରିବାରେ ବାରଣ ରହିଛି। ୧୪ ବର୍ଷ, ୧୬ ବର୍ଷ ଏବଂ ୧୮ ବର୍ଷରୁ କମ୍ ବିଭାଗର ଖେଳ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ, ୨୦, ୨୩ ଏବଂ ସିନିୟର ବିଭାଗର ଖେଳ ୧୬ ତାରିଖରେ ଅନୁଷ୍ଠିତ ହେବ। ଜଣେ ଖେଳାଳୀ ସର୍ବାଧିକ ୨ ଗୋଟି ଖେଳରେ ଅଂଶ ଗ୍ରହଣ କରିପାରିବେ। ସମସ୍ତ ଖେଳାଳୀ ଚଳିତ ମାସ ୧୦ ତାରିଖ ସୁଧା ରେଜିଷ୍ଟେସନ୍ କରିବା ବାଧ୍ୟତାମୂଳକ ରେଜିଷ୍ଟେସନ୍ ପାଇଁ ଫର୍ମ ଏବଂ ଅଧୁକ ବିବରଣୀ ପାଇଁ କ୍ରିଡ଼ା ବିଭାଗ ଏବଂ ଯାଜପୁର ଜିଲ୍ଲା ଆ।ଥଲେଟିକ୍ ଆ।ସୋସିଏସନ୍ ର ଆ।ଥଲେଟିକ୍ ସମ୍ପାଦକଙ୍କ ସହିତ ଯୋଗାଯୋଗ କରିବାକୁ ସାଧାରଣ ସଂବିତ ମହାନ୍ତି (ମୋ. ନଂ- ୯୪୩୮୧୪୦୬୪୭) ଅନୁରୋଧ କରିଛନ୍ତି ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ